# ବାଲେଶ୍ୱର ପାଲଟିଛି ନକଲି ବିଦେଶୀ ମଦ ହବ୍

ବାଲେଶ୍ୱର ଅଫିସ,୨୭।୨

ବାଲେଶ୍ୱର ସହର ଏବଂ ତାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ନକଲି ବିଦେଶୀ ମଦର ବ୍ୟାପକ କାରବାର ବଢ଼ି ଚାଲିଥିବାରୁ ଯେକୌଣସି ସମୟରେ ମଦମୃତ୍ୟୁ ଭଳି ଅଘଟଣ ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ସ୍ପିରିଟ୍ ଏବଂ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ମିଶ୍ରଣରେ ନକଲି ବିଦେଶୀ ମଦ ତିଆରି କରି ମଦ ବେପାରୀମାନେ ମାଲାମାଲ ହେଉଥିବା ଜଣାପଡ଼ିଛି। ଏହି ନକଲି ମଦ ସବୁକୁ ରାଜପଥପାର୍ଶ୍ୱ ଢ଼ାବା, ହୋଟେଲ ଏବଂ ଗ୍ରାମାଞ୍ଚଳରେ ବିଭିନ୍ନ ପାନ ଦୋକାନରେ ଅବାଧରେ ବିକ୍ରି ହେଉଛି। ଏହାଛଡ଼ା ବାଲେଶ୍ୱର ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା କେତେକ ଅଫ୍ ସପ୍ (ଠିପି ବନ୍ଦ) ବିଦେଶୀ ମଦ ଦୋକାନରେ ମଧ୍ୟ ଏହିସବୁ ନକଲି ଓ ନିମ୍ନମାନର ମଦ ବିକ୍ରି ହେଉଥିବାର ବାରମ୍ବାର ଅଭିଯୋଗ ହୋଇଆସୁଛି।

କିଛିଦିନ ତଳେ ମିତ୍ରପୁର ଅଞ୍ଚଳର ଜଣେ କୁଖ୍ୟାତ ମଦ ବେପାରୀ ନିଜେ ମଦ ପ୍ରସ୍ତୁତ କରୁଥିବାର ଫଟୋଚିତ୍ର ଲୋକଲୋଚନକୁ ଆସିଥିଲା। ସେଠାରୁ ଏକ ପିକଅପ୍ ଭର୍ତ୍ତି ନକଲି ବିଦେଶୀ ମଦକୁ ମଧ୍ୟ ଜବତ କରାଯାଇ ଜଣକୁ ଗିରଫ କରାଯାଇଥିଲେ ବି ମାମଲାକୁ ଦୁର୍ବଳ କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ଅନ୍‌ସପ୍ (ଠିପି ଖୋଲା) ବା ବାର୍‌ଗୁଡ଼ିକରେ ନିମ୍ନମାନର ମଦ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଥିବାର ଅଭିଯୋଗ ହେଉଛି। ସେହିପରି ଗତ ଫେବୃୟାରୀ ୧୫ ତାରିଖ ରାତି ପ୍ରାୟ ୧୦ଟା ସମୟରେ ବିଭିନ୍ନ ଅଭିଯୋଗକୁ ଆଧାର କରି ସିନେମା ଛକ ସ୍ଥିତ ଏକ ବାର୍ ଉପରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ତେବେ ଉକ୍ତ ବାର୍‌ର ଷ୍ଟକ୍ ଖାତା ଅପଡେଟ୍ ନ ଥିବାବେଳେ ସ୍ୱୀକୃତି ପ୍ରାପ୍ତ ବାର୍ ବୟ ମଧ୍ୟ ନ ଥିବାବେଳେ ଓଏସ୍‌ବିସିରୁ ଉଠାଯାଇଥିବା ମଦ ଅପେକ୍ଷା ସେଠାରେ ଯଥେଷ୍ଟ ଅଧିକ ପରିମାଣର ମଦ ମହଜୁଦ୍ ଥିବା ଜଣାପଡ଼ିଥିଲା।


ମିତ୍ରପୁର ଅଞ୍ଚଳର ଏକ ମଦ ଦୋକାନର କର୍ମଚାରୀ ଭଡ଼ାଘରେ ନକଲି ମଦ ପ୍ରସ୍ତୁତ କରୁଛନ୍ତି।

ଉକ୍ତ ବାର୍ ଉପରେ ଦୀର୍ଘ ୨ଘଣ୍ଟା ଧରି ଚଢ଼ାଉ କରାଯାଇ ସେଠାରେ ବିଭିନ୍ନ ପ୍ରକାରର ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ମାତ୍ର ଅବକାରୀ ବିଭାଗ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଗଲା ନାହିଁ। ତେବେ କୌଣସି ବଡ଼ଧରଣର ଅଘଟଣ ଘଟିବା ପୂର୍ବରୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ଜିଲା ଅବକାରୀ ଅଧିକ୍ଷକ ବିବେକାନନ୍ଦ ନାୟକଙ୍କୁ ପଚାରିବାରୁ ଅଭିଯୋଗକ୍ରମେ ଉକ୍ତ ବାର୍ ଉପରେ ଚଢ଼ାଉ କରାଯାଇଥିଲା। ବାର୍‌ର ସମସ୍ତ ଆଇନ୍‌ଗତ କାଗଜ ଠିକ୍‌ଠାକ୍ ଥିବାବେଳେ ସ୍ୱୀକୃତିପ୍ରାପ୍ତ ବାର୍ ବୟ ମଧ୍ୟ ଅଛନ୍ତି। ଅନ୍ୟପକ୍ଷେ ମିତ୍ରପୁର ଅଞ୍ଚଳରେ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ରହୁଥିବା ଜଣେ କର୍ମଚାରୀ ତା'ର ଭଡ଼ା ଘରେ କମ୍‌ଦାମ୍‌ର ବିଦେଶୀ ମଦକୁ ଅଧିକ ଦାମ୍ ଥିବା ବିଦେଶୀ ମଦ ବୋତଲରେ ପୁରାଇ ସିଲ୍ କରି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ମଦ ଦୋକାନୀ ମାଲିକ ଉକ୍ତ କର୍ମଚାରୀଙ୍କୁ ବାହାର କରିଦେଇଥିବା ପ୍ରକାଶ କରିଥିଲେ।

## କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ, ଜଣେ ଗିରଫ

ସୋର,୨୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ କଲେଜ ଛକ ନିକଟରେ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ୟୁନିଟ୍-୨ ତରଫରୁ କୌଣସି ସୂତ୍ରରୁ ଖବର ପାଇ ଏକ କାର୍ ମଧ୍ୟରେ ଯାଉଥିବା ୪୦୦ ଲିଟରରୁ ଅଧିକ ଦେଶୀ ମଦ ଜବତ କରାଯିବା ସହ କାର୍‌ର ଡ୍ରାଇଭରକୁ ଗିରଫ କରାଯାଇଛି।

ପ୍ରକାଶ ଯେ, କେନ୍ଦ୍ରାଞ୍ଚଳ ବିଭାଗ ତରଫରୁ କୌଣସି ସୂତ୍ରରୁ ଖବରପାଇ ଆଇଆଇସି ଜଗଦିଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ୫ ଜଣିଆ ଟିମ୍ ଏହି ମଦ ବୋଝେଇ କାର୍‌କୁ ଜବତ କରିଛନ୍ତି। କାର୍‌ଟି ପୁରୁଣାବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିଲା। କାର୍ ମଧ୍ୟରୁ ୪୦୦ ଲିଟରରୁ ଉର୍ଦ୍ଧ୍ୱ ମଦ ଜବତ କରାଯିବା ସହିତ ଡ୍ରାଇଭର ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଞ୍ଚଳର ସନ୍ତୋଷ ସୁତାରଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉ ସମୟରେ ସବ୍‌ଇନ୍ସପେକ୍ଟର ଧନଞ୍ଜୟ ପାତ୍ର, ପ୍ରଦୀପ କୁମାର ବେହେରା, କିଶୋର ଚନ୍ଦ୍ର ରାଉତ, ବସନ୍ତ କୁମାର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଜଗନ୍ନାଥ ନାୟକ ପ୍ରମୁଖ ସାମିଲ ଥିଲେ।

## ହୋଟେଲରେ ନକଲି ବିଦେଶୀ ମଦ କାରଖାନା

ସୋର,୨୭।୨(ଡି.ଏନ.ଏ.): ଅବକାରୀ କମିଶନର ଅଞ୍ଜନ କୁମାର ମାଣିକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକ ଓ ଗୋଇନ୍ଦା ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦିଲ୍ଲୀପ କୁମାର ପଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋର ଅବକାରୀ ଥାନା ଓ ଜିଲା ଅବକାରୀ ବିଭାଗ ଭ୍ରାମ୍ୟମାଣ ଥାନା ତରଫରୁ ଗୁରୁବାର ସୋରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ ସହ ୬ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ସୋର ଉତ୍ତରେଶ୍ୱରସ୍ଥିତ ସାଇରାଜ ହୋଟେଲରେ ନକଲି ବିଦେଶୀ ମଦ କାରଖାନା ଠାବ କରି ବିଭିନ୍ନ ସାମଗ୍ରୀ ସହିତ ୯ଶହ ଠିପି, ଲେବୁଲ, ୩୧ ଲିଟର ସ୍ପିରିଟ, ୧୭ଲିଟର କେମିକାଲ ଜବତ କରାଯାଇଥିବାବେଳେ ହୋଟେଲ ମାଲିକ ସ୍ୱାଗତ ଆଶଙ୍କୁ ଗିରଫ କରାଯାଇଛି। ସେହିପରି ମଦ ସହ ଅନ୍ୟ ସ୍ଥାନରୁ ଗିରଫ ଅଭିଯୁକ୍ତ ହେଲେ ମୂଳେଶ୍ୱର ଗ୍ରାମର କୈଳାସ ସାହୁ, ଅଡ଼ଙ୍ଗ ବଜାରର ଜନାର୍ଦ୍ଦନ ପାତ୍ର, ମଞ୍ଜୁଲତା ପରିଡ଼ା, ମଞ୍ଜୁ ଜେନା ଏବଂ ଅଜୟ ଜେନା। ଏନେଇ ମାମଲା ରୁଜୁ ହେବାପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଜବତ ମଦ, ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ଖଇରା, ୨୭।୨(ଡି.ଏନ.ଏ): ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ଖଇରା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଅଙ୍ଗନୱାଡି କେନ୍ଦ୍ର ଗୃହ ଲାଗି ଉପୁଜୁଥିବା ଜାଗା ସମସ୍ୟାର ସମାଧାନ, ପ୍ରତି ପଞ୍ଚାୟତରେ କିଭଳି ୨ଟି ଲେଖାଏ ବିଦ୍ୟାଳୟ ଆଦର୍ଶ ବିଦ୍ୟାଳୟ ଭାବେ ପରିଗଣିତ ହୋଇପାରିବ ସେଥିଲାଗି ଶିକ୍ଷା ବିଭାଗ ପକ୍ଷରୁ ଭିତ୍ତିଭୂମି ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସିଡିପିଓ ନର୍ମଦା ଦେଓ, ତହସିଲଦାର ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କାର୍ଯ୍ୟରେ ଯୋଗଦେଲେ ବିଡିଓ

ଭୋଗରାଇ,୨୭।୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଗୁରୁବାର ନୂତନ ବିଡିଓ ଭାବେ ସତ୍ୟଜିତ୍ ରାଉତ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଓଡ଼ିଶାର ସର୍ବବୃହତ ଭୋଗରାଇ ବ୍ଲକରେ ୫୦ ପଞ୍ଚାୟତକୁ ନେଇ ସରକାରଙ୍କ ନିୟମ ପରିଧି ମଧ୍ୟରେ ନୂତନ ବିଡ଼ିଓ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି। କାର୍ଯ୍ୟଭାର ଗ୍ରହଣ କରିଥିବା ନୂତନ ବିଡିଓଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ ଓ ବ୍ଲକର ବରିଷ୍ଠ ଓ କନିଷ୍ଠ କର୍ମଚାରୀମାନେ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ଲଙ୍ଗଳେଶ୍ୱର ଜାଗର ମେଳାରେ ଅବ୍ୟବସ୍ଥା

ବାଲିଆପାଳ,୨୭।୨(ଡି.ଏନ.ଏ.): କୋର୍ଟରେ ମାମଲା ଯୋଗୁ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପ୍ରାଚୀନ ଶୈବପୀଠରେ ଅନୁଷ୍ଠିତ ଜାଗର ମେଳାରେ ବହୁ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ଦୀର୍ଘଦିନ ଧରି ବସୁଥିବା ଏହି ମେଳାରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହେଉଥିଲେ ମଧ୍ୟ ସରକାରୀ ତହବିଲକୁ ଟଙ୍କାଟିଏ ମଧ୍ୟ ଯାଏ ନାହିଁ। ପୂଜକ ପରିବାରର ମାଲିକାନାରେ ମେଳାଟି ପରିଚାଳିତ ହୁଏ। ମେଳାରେ ବହୁ ଷ୍ଟଲ, ମୀନାବଜାର, ନାଗର ଦୋଳି, ଅନ୍ୟାନ୍ୟ ଦୋକାନବଜାର ବସେ। ଏଥିରେ ପୂଜକ ପରିବାର ଷ୍ଟଲ, ଦୋକାନ ବସାଇବା ବାବଦରେ ଲକ୍ଷାଧିକ ଟଙ୍କା ବେଆଇନ୍ ଭାବେ ଆଦାୟ କରନ୍ତି। ମେଳାରେ ଜୁଆର ପସରା ମଧ୍ୟ ଦେଖିବାକୁ ମିଳେ। ଜାଗର ବ୍ରତ ଓ ଦୀପ ଜାଳିବା ପାଇଁ ଭକ୍ତମାନଙ୍କୁ ଦକ୍ଷିଣା, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଦେବାକୁ ପଡ଼େ। ଏଠାରେ ପ୍ରାୟ ଏକ ଲକ୍ଷ ଭକ୍ତ ଜାଗର ଦୀପ ଜାଳନ୍ତି। ଏଥିରୁ ଲକ୍ଷାଧିକ ଟଙ୍କା ରୋଜଗାର ହେଉଥିଲେ ମଧ୍ୟ ସରକାରଙ୍କ ତହବିଲକୁ ଟଙ୍କାଟିଏ ଆସେ ନାହିଁ। ଅନ୍ୟପକ୍ଷରେ ପୂଜକ ପରିବାର ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିଲେ ମଧ୍ୟ ପୀଠର ଉନ୍ନତି ପାଇଁ ଉଦାସିନ, ପରିମଳ ଓ ପାନୀୟଜଳ ଯୋଗାଣ ସେମିତି କିଛି ବ୍ୟବସ୍ଥା ନାହିଁ। ସାମାନ୍ୟ ବର୍ଷାରେ ମେଳା ପରିସର କାଦୁଅ ପଚପଚ ହୋଇଯାଏ। ଗତ ଦୁଇବର୍ଷ ତଳେ ଦେବୋତ୍ତର ବିଭାଗ ଏକ ଟ୍ରଷ୍ଟ ବୋର୍ଡ ଗଠନ କରିଥିଲେ। ପୂଜକ ପରିବାର ପକ୍ଷରୁ କୋର୍ଟରେ ତାହାକୁ ଚ୍ୟାଲେଞ୍ଜ କରାଯାଇଥିଲା। ମାମଲାଟି ଏବେ ବିଚାରାଧୀନ ରହିଛି। ତେବେ ପୂଜକ ପରିବାର ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଥିବାବେଳେ ଟ୍ରଷ୍ଟବୋର୍ଡର ପୂର୍ବତନ ସଭାପତି ରାମଚନ୍ଦ୍ର ଦାସ, ସ୍ଥାନୀୟ ଅଧିବାସୀ ଚିତ୍ତରଞ୍ଜନ ଜେନା, ରବିରଞ୍ଜନ ତ୍ରିପାଠୀ, ଯୁଗଳ କିଶୋର ମହାନ୍ତି ପ୍ରମୁଖ ତୁରନ୍ତ ଟ୍ରଷ୍ଟ ବୋର୍ଡ଼ କାର୍ଯ୍ୟକାରୀ କରିବାକୁ ସରକାରଙ୍କ ଠାରେ ଦାବି କରିଛନ୍ତି। କୋର୍ଟରେ ମାମଲା ଥିବା ଏହି ପୀଠର ଉନ୍ନତି ପାଇଁ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଯେଉଁ ଅନୁଦାନ ମଞ୍ଜୁର କରିଥିଲେ ତାହା ମଧ୍ୟ ଫେରିଯାଇଥିବା ସୂଚନା ମିଳିଛି।

### ନେସ୍କୋ ଭିଜିଲାନ୍ସର ଚଢ଼ାଉ ହରଡ଼ଘଣାରେ ପଡ଼ିଲେ କନିଷ୍ଠଯନ୍ତ୍ରୀ

ସଜନାଗଡ଼,୨୭।୨(ଡି.ଏନ.ଏ.): ବେଆଇନ୍ ଭାବେ ବିଦ୍ୟୁତ୍ ବ୍ୟବହାର ଓ ଟାମ୍ପରିଂ କରାଯାଉଥିବା ନେଇ ନେସ୍କୋ ଓ ଭିଜିଲାନ୍ସ ଟିମ୍ ଦୁଇଦିନ ଧରି ନୀଳଗିରି ସହରରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଏକ ବିଭାଗର ଜନୈକ କନିଷ୍ଠଯନ୍ତ୍ରୀ ନିଜ ସରକାରୀ ବାସଭବନକୁ ଚୋରା ବିଦ୍ୟୁତ୍ ସଂଯୋଗ ନେଇଥିବା ଗୁରୁବାର ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ି ବେଶ୍ ହଟହଟା ହୋଇଛନ୍ତି। ନେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସଂଗେ ସଂଗେ ତାଙ୍କ ବିଦ୍ୟୁତ୍‌କାଟ କରାଯାଇଥିଲା। ତେବେ ଏହିପରି ଭାବରେ ବହୁ ସରକାରୀ କର୍ମଚାରୀ ଚୋରାରେ ବିଦ୍ୟୁତ୍ ଜାଳୁଥିବା ବେଳେ ନେସ୍କୋ ପକ୍ଷରୁ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଦେଖିବାକୁ ବାକି ରହିଲା।

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

ଜଳେଶ୍ୱର,୨୭।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଜଳେଶ୍ୱର ରେଳ ଷ୍ଟେଶନର ଉତ୍ତର କେବିନ୍‌ର ପୂର୍ବପଟେ ଥିବା ରେଲୱେ ସ୍ଥାନରୁ ଗୁରୁବାର ୨୨ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ତେବେ ଏକ ଯାତ୍ରୀ ବିଶ୍ରାମାଗାରକୁ ଉଚ୍ଛେଦ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ସମସ୍ତ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବାକୁ ସେମାନେ ଅଡ଼ି ବସିଥିଲେ। କପାସିଆ ରୋଡ୍‌ର ହନୁମାନ ମନ୍ଦିରଠାରେ ରାସ୍ତାର ଦୁଇକଡ଼ରେ ଥିବା ରେଲୱେ ଜାଗାରେ କେତେଜଣ ବ୍ୟକ୍ତି ଦୀର୍ଘବର୍ଷ ଧରି ରହିଆସୁଥିଲେ। ସମସ୍ତେ ଦୋକାନ କରି ଚଳି ଆସୁଥିବାବେଳେ ଅନ୍ୟ କେତେକଙ୍କର ଅନ୍ୟତ୍ର ବାସଗୃହ ନ ଥିବାରୁ ସେଠାରେ ସ୍ଥାୟୀ ଭାବେ ରହିଆସୁଥିଲେ। କିନ୍ତୁ ସ୍ଥାନୀୟ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ତିକ୍ତତାକୁ ନେଇ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ବିଚାରାଧୀନ ଥିଲା। ସୂଚନା ଅନୁଯାୟୀ, ଉଚ୍ଚ ନ୍ୟାୟାଳୟ ଖଡ଼ଗପୁରସ୍ଥିତ ଡିଆର୍‌ଏମ୍‌ଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରେଳ ଡିଭିଜନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଚିଠି ନଂ. ୪୬ ତା ୧୧।୨।୨୦ ରିଖ ଅନୁଯାୟୀ ସେଠାରେ ବସବାସ କରୁଥିବା ୨୪ ଜଣଙ୍କୁ ୭ଦିନ ମଧ୍ୟରେ ସ୍ଥାନ ଛାଡ଼ିବାକୁ ନିର୍ଦ୍ଦେଶ ହୋଇଥିଲା। ଜବରଦଖଲକାରୀଙ୍କ ଅନୁରୋଧକ୍ରମେ ଡିଆର୍‌ଏମ୍ ଅଧିକ ୩ ଦିନ ସମୟ ଦେଇଥିବାରୁ ଗୁରୁବାର ସକାଳ ସୁଦ୍ଧା ୨ଜଣ ବ୍ୟକ୍ତି ସେମାନଙ୍କ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ଅନ୍ୟ ଜବରଦଖଲକାରୀଙ୍କ ଗୃହ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ବେଳେ ଜଳେଶ୍ୱର ଷ୍ଟେଶନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ, ସେକ୍‌ସନ ଇଞ୍ଜିନିୟର ଅଜିତ୍ ପ୍ରସାଦ ମିଶ୍ର ଓ ସୃଷ୍ଟିଧର ପୃଷ୍ଟି, ଜିଆର୍‌ପି ପୂର୍ଣ୍ଣଚନ୍ଦ୍ର ବେହେରା, ସବ୍‌ଇନ୍ସପେକ୍ଟର ସୁଶାନ୍ତି ସିଂ, ଏଏସ୍‌ଆଇ ସୁଶୀଲ ଖୁଜରଙ୍କ ସହିତ ଆର୍‌ପିଏଫ୍ ଆଇଆଇସି ଭଗବାନ ସିଂ, ଓଆଇସି ବି. ସିଂ, ଏଏସ୍‌ଆଇ ଏସ୍ ସରକାର, କେ.ଏସ୍ ପଣ୍ଡା ଏବଂ ଜଳେଶ୍ୱର ଥାନା ଆଇଆଇସି ଧନେଶ୍ୱର ସାହୁ, ଏଏସ୍‌ଆଇ ରମାକାନ୍ତ ସେଠୀ, ହାବିଲଦାର ତ୍ରିଲୋଚନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

## ଦୁର୍ଘଟଣାରେ ୪ ଗୁରୁତର

ଜଳେଶ୍ୱର,୨୭।୨(ସ୍ୱ.ପ୍ର)

ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟବର୍ତ୍ତୀ ଜି.ଟି ରେଷ୍ଟୁରାଣ୍ଟ ସମ୍ମୁଖରେ ଗୁରୁବାର ଦ୍ୱିପ୍ରହରରେ ଏକ ଅଟୋ ଓ ବୋଲେରୋ ଧକ୍କାରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଅଟୋଟି ଭୋଗରାଇ ଅଞ୍ଚଳରୁ ଆସି ବାଲେଶ୍ୱର ଅଭିମୁଖେ ଯିବାବେଳେ ରାସ୍ତାର ଡାହାଣ କଡ଼କୁ ଚାଲି ଯାଇଥିଲା। ସମାନ ଦିଗରୁ ଆସୁଥିବା ବୋଲେରୋ ଦ୍ରୁତଗତିରେ ଆସି ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଥିବା ଭୋଗରାଇ ଥାନା ନିମାତପୁର ଗ୍ରାମର ରତ୍ନାକର ବେହେରା, ନାରାୟଣପୁରର ବାସନ୍ତୀ ବେହେରା, ଓଲପନା ବେହେରା ଏବଂ ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ଗାଁର ଦେବବ୍ରତ ରାଉଳ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଜିକେ ଭଞ୍ଜର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଭୋଗରାଇ ବ୍ଲକ ଆଗରେ ଡିଏସ୍‌ଓର ବିକ୍ଷୋଭ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୋଗରାଇ,୨୭।୨(ଡି.ଏନ.ଏ.)

ସମସ୍ତ ବ୍ଲକଗ୍ରାଣ୍ଟ ସ୍କୁଲକୁ ସରକାରୀ ସ୍କୁଲ ସହିତ ମିଶ୍ରଣ ବନ୍ଦ କରିବା, ବିଏଡ ଓ ଏମଏଡ କଲେଜଗୁଡ଼ିକ ବନ୍ଦ କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା ସହ ଶିକ୍ଷୟିତ୍ରୀଶିକ୍ଷକ ଅଧ୍ୟାପିକାଅଧ୍ୟାପକମାନଙ୍କୁ କଟକଣା ଆଳରେ ଆନ୍ଦୋଳନରୁ ବିରତ କରିବା ପ୍ରଭୃତି ଦାବି ନେଇ ରାଜ୍ୟ ଗଣତାନ୍ତ୍ରିକ ଛାତ୍ର ସଂଗଠନ (ଡିଏସ୍‌ଓ) ଆହ୍ୱାନ କ୍ରମେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଥାନା ଛକରୁ ଏକ ଶୋଭାଯାତ୍ରାରେ ବାହାରି ପ୍ଲାକାର୍ଡ ଓ ବ୍ୟାନର ଧରି ସରକାରୀ ବିରୋଧୀ ସ୍ଲୋଗାନ ଦେଇ ଭୋଗରାଇ ବ୍ଲକରେ ପହଞ୍ଚିଥିଲେ। ସେଠାରେ ଭୋଗରାଇ ଡିଏସ୍‌ଓ ସଭାପତି ହରେକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଦୀର୍ଘ ସମୟ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହି ପ୍ରତିବାଦ ସଭାରେ ବାଲେଶ୍ୱର ଜିଲା କମିଟିର ଆବାହିକା କ୍ରିଷ୍ଣାରାଣୀ ସାହୁ, ଜିଲା କମିଟିର ଯୁଗ୍ମ ଆବାହକ ପ୍ରଶାନ୍ତ କୁମାର ଦାସ, ଛାତ୍ରନେତା ଅନନ୍ତ ଦାସ ଅଧିକାରୀ, ବିଶ୍ୱନାଥ ଦାସ, ବଳରାମ ଦାସ ଅଧିକାରୀ, ଶ୍ରାବଣୀ ପାତ୍ର ପ୍ରମୁଖ ରାଜ୍ୟସରକାରଙ୍କ ଶିକ୍ଷା ମାରଣ ନୀତି ବିରୋଧରେ ବୃହତ୍ତର ଗଣଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ପରେ ଏକ ପ୍ରତିନିଧି ଦଳ ଭୋଗରାଇ ବିଡିଓ ସତ୍ୟଜିତ୍ ରାଉତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ସି-ଟାଇଗର୍ସ, ଝାଡ଼େଶ୍ୱର ୱାରିୟର୍ସ ବିଜୟୀ

## ଆରମ୍ଭ ହେଲା ବାଲେଶ୍ୱର ପ୍ରିମିୟର ଲିଗ୍

ବାଲେଶ୍ୱର ଅଫିସ,୨୭।୨


ବାଲେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

ବାଲେଶ୍ୱର ସହରର ପରମିଟ୍ ପଡ଼ିଆରେ ବାଲେଶ୍ୱର କ୍ରିକେଟିୟର୍ସ ଆସୋସିଏଶନ୍ ଦ୍ୱାରା ଆୟୋଜିତ ବାଲେଶ୍ୱର ପ୍ରିମିୟର ଲିଗ୍‌ର ୧୧ମ ସଂସ୍କରଣ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କ୍ରାଇମ୍ ଡିଏସ୍‌ପି ଉମେଶ ପଣ୍ଡା, ସମ୍ମାନନୀୟ ଅତିଥି ପୂର୍ବତନ ନଗରପାଳ ଆଲୋକ ସାହୁ, ଜିଲା ଆଥଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ଅଭୟ ମହାପାତ୍ର, ସହ-ସମ୍ପାଦକ ସୁଜୟ ଆଚାର୍ଯ୍ୟ, ଆସୋସିଏଶନ୍‌ର ସମ୍ପାଦକ ସପନ କୁମାର ଖିଲାର, ଚେୟାରମ୍ୟାନ୍ ରାଜେଶ ମହାପାତ୍ର, ବରିଷ୍ଠ ସଦସ୍ୟ ଅଶ୍ୱିନୀ ସାମଲ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଅମିତ ଅମିତାଭ ମହାକୁଡ଼ ମଞ୍ଚ ପରିଚାଳନା କରିଥିବାବେଳେ ନୀଳମାଧବ ବିଶ୍ୱାଳ, ବିଶ୍ୱରଞ୍ଜନ ରାଉତ, ରାଜେଶ ନାୟକ, ସେକ୍ ଇଫ୍‌ତିହାର, ହମିଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରଥମ ମ୍ୟାଚ୍‌ଟି ସି-ଟାଇଗର୍ସ ଓ ଡେକାନ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସି-ଟାଇଗର୍ସ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୧୮.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୭ ରନ୍ କରିଥିଲା। ଜବାବରେ ଡେକାନ ୧୯.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୧ ରନ୍ କରି ୬ ରନ୍‌ରେ ପରାସ୍ତ ହୋଇଥିଲା। ସି-ଟାଇଗର୍ସର ଖେଳାଳି ଏମ୍‌ଡ଼ି ଆକ୍ରାମ ୨୧ ରନ୍ ଓ ୨ଟି ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ଟି ବାଲେଶ୍ୱର ଲାୟନ୍ସ ଓ ଝାଡ଼େଶ୍ୱର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲାୟନ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭର ଖେଳି ୯ ଉଇକେଟ୍ ହରାଇ ୧୧୦ ରନ୍ କରିଥିଲା। ଜବାବରେ ଝାଡ଼େଶ୍ୱର ୱାରିୟର୍ସ ୪ ଉଇକେଟ୍ ହରାଇ ୧୭.୨ ଓଭରରେ ୧୧୩ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ଅଲ୍‌ରାଉଣ୍ଡର ପ୍ରଦର୍ଶନୀ ପାଇଁ ଝାଡ଼େଶ୍ୱର ୱାରିୟର୍ସର ନରୋତ୍ତମ ଭଞ୍ଜ (ଅପରାଜିତ ୪୩ ରନ୍ ସହ ୩ଟି ଉଇକେଟ୍ )ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂଚନା ଯେ, ଶୁକ୍ରବାର ମ୍ୟାଚ୍ ଗ୍ରୀନଲିଫ୍ ଫାଇଟର୍ସ ଓ ଟାଇଟାନ୍‌ସ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍‌ଟି ସି-ଟାଇଗର୍ସ ଓ ଝାଡ଼େଶ୍ୱର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ସିସିଟିଭି ଲାଗିବା ପରେ ବି ଅନିୟମିତତା

ଖଇରା, ୨୭।୨(ଡି.ଏନ.ଏ): ବାଲେଶ୍ୱର ଜିଲା ଖଇରା ବ୍ଲକରେ ସିସିଟିଭି ଲାଗିଥିବା ଏକ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ କପି ଚାଲିଥିବା ଭଳି ଅନିୟମିତତା ପଦାକୁ ଆସିଛି। ପରୀକ୍ଷା ଆରମ୍ଭ ସମୟ ପୂର୍ବାହ୍ନ ୧୦ଟା ଥିବାବେଳେ ଏହି ସମୟରେ ପ୍ରତ୍ୟେକ ଦିନ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେଉଥିବା ପରିଲକ୍ଷିତ ହୋଇଥିଲା। ପ୍ରଥମ ୧ ଘଣ୍ଟା ଯେତିକି ସମୟରେ ପିଲା ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଦେଉଥିଲେ ସେତିକି ସମୟ ବିଦ୍ୟୁତ୍ କାଟ ହେବା ନେଇ ଅଭିଭାବକଙ୍କ ନଜରକୁ ଆସିଥିଲା। ଗତ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ କାଟ୍ ହେବା ଏବଂ ପରୀକ୍ଷାର୍ଥୀମାନଙ୍କୁ ଉତ୍ତର କହିବା ପାଇଁ ଏଭଳି ଉପାୟ ଅବଲମ୍ବନ କରାଯାଉଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଏଥିରେ ବିଦ୍ୟୁତ୍ ବିଭାଗର କେତେଜଣ ଅସାଧୁ କର୍ମଚାରୀ ସାମିଲ ଥିବା ଜଣାପଡ଼ିଥିଲା। ବୁଧବାର ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ର ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଉକ୍ତ କେନ୍ଦ୍ରକୁ ପଠାଇ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏଭଳି ଅନିୟମିତତା ଦୃଷ୍ଟିକୁ ଆସିବା ପରେ ସେ କଡ଼ା ନଜର ରଖିଥିବା କହିଛନ୍ତି।

# ୭ ଡାକ୍ତରଖାନାକୁ ୬ ଡାକ୍ତର

ବାଲିଆପାଳ,୨୭।୨(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲିଆପାଳ ବ୍ଲକର ୩ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଥିବାବେଳେ ପଡ଼ୋଶୀ ଜଳେଶ୍ୱର ଏବଂ ବସ୍ତା ବ୍ଲକର କେତେକ ଲୋକ ମଧ୍ୟ ଏହା ଉପରେ ନିର୍ଭର କରିଆସୁଛନ୍ତି। ବାଲିଆପାଳ ବ୍ଲକରେ ଥିବା ୭ଟି ଡାକ୍ତରଖାନାରେ ଦୁଇ ଦାନ୍ତ ଡାକ୍ତରଙ୍କୁ ମିଶାଇ ଏବେ ମୋଟ ୬ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଣେ ମାତ୍ର ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଦୁଇ ସିଏଚ୍‌ସି ଯଥା ବାଲିଆପାଳ ଏବଂ ପ୍ରତାପୁରରେ କାର୍ଯ୍ୟ କରୁଛନ୍ତି। ଅନ୍ୟ ପିଏଚ୍‌ସି ଘଣ୍ଟିଆ, ଶ୍ରୀରାମପୁର, ଜାମକୁଣ୍ଡା, ବୋଲଂ ଆଦିରେ ମେଡ଼ିକାଲ ଅଫିସର୍ କେହି ନଥିବା ସହିତ ବାଲିଆପାଳ, ପ୍ରତାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ପଦବୀ ଖାଲି ପଡ଼ିଥିବା ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମହାପାତ୍ର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିସହିତ ସେ କହିଛନ୍ତି ୭ଟି ଡାକ୍ତରଖାନାରେ ଖାଲି ପଡ଼ିଥିବା ସମସ୍ତ ଡାକ୍ତର ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଫାଇଭ୍-ଟି ସଚିବ, ଜିଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଡାକ୍ତର ନିଯୁକ୍ତିରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ବାଲିଆପାଳ ସୂଚନା ଅଧିକାର ଅଭିଯାନ ତରଫରୁ ଆସନ୍ତା ୩ ତାରିଖରୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯିବ। ଡାକ୍ତର ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ବୋଲି ଧାରଣାରୁ ଓହରିବେ ନାହିଁ ବୋଲି ଆବାହକ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅକ୍ଷୟ କୁମାର ଦାସ, ଅରୁଣ କୁମାର ମଣ୍ଡଳ, କୁଶଧ୍ୱଜ ଜେନା, ପ୍ରହଲ୍ଲାଦ ଘଡ଼ାଇଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ଅଧିକାର ଅଭିଯାନର ସଦସ୍ୟ।

## ସଂକ୍ଷେପରେ

### ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ: ଜଣେ ଗିରଫ

**ପଦ୍ମପୁର,୨୭।୨(ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବରହମ୍ପୁର ପଞ୍ଚାୟତ ଇଚ୍ଛାପୁର ଛକରେ ଏକ ଗୁମୁଟିରେ ଶୋଇଥିବା ଜଣେ ବୃଦ୍ଧଙ୍କୁ ମଙ୍ଗଳବାର ରାତିରେ ଦୁଇ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ବୃଦ୍ଧ ହେଲେ ଶରତ ନାୟକ। ଏ ନେଇ ତାଙ୍କ ପୁଅ ସୁଶାନ୍ତ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଓ ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି କୁଣ୍ଡିବାଗ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ହରିଆ ମଲିକଙ୍କୁ ଗିରଫ କରିଥିଲେ। ଗୁରୁବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୧/୨୦) ରୁଜୁ ହୋଇଛି। ଆକ୍ରମଣରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ଇଚ୍ଛାପୁରର କଳାପୋଲଠାରେ ଶରତଙ୍କର ଏକ ଗୁମୁଟି ଅଛି। ସେ ସେଠାରେ ସବୁଦିନ ରାତିରେ ଶୋଇଥାନ୍ତି। କୁଣ୍ଡିବାଗ ଗ୍ରାମର ଦୁଇ ଯୁବକ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କୁ ଗୁମୁଟିରୁ ଉଠାଇ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି

**ଭଣ୍ଡାରିପୋଖରୀ,୨୭।୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଗୁରୁବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନମାଳି ତରାଇ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଗୋଲକ ଚନ୍ଦ୍ର ବେହେରା, ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଏବିଇଓ ପୁରୁଷୋତ୍ତମ ଧଳ, ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୪ରେ ମଞ୍ଜୁରିରୋଡ଼ସ୍ଥିତ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠଠାରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ହେବାକୁ ସ୍ଥିର କରାଯାଇଛି। ବୈଠକରେ ବ୍ଲକର କର୍ମଚାରୀ, ସିଆର୍‌ସିସି, ବିଆର୍‌ପି ଓ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ।

### ପାଣି ପଞ୍ଚାୟତ ନିର୍ବାଚନ

**ବନ୍ତ,୨୭।୨(ଡି.ଏନ.ଏ.):** ବନ୍ତ ଜଳସେଚନ ବିଭାଗ ଅଧୀନ ୩୫ ଓ ୩୭ନଂ.ପାଣି ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୩୫ ନଂ.ପାଣି ପଞ୍ଚାୟତ ସୋଠ କମିଟିର ୧୫ ଜଣ ସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ। କୌଣସି ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ନ ଥିବାରୁ ସମସ୍ତ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ୩୭ ନଂ. ପାଣି ପଞ୍ଚାୟତ ସୋଠ କମିଟିର ୨୯ ଜଣ ସଭ୍ୟଙ୍କ ମଧ୍ୟରୁ ୨୮ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୨୬ ଜଣ କାର୍ଯ୍ୟନିର୍ବାହୀ କମିଟିକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# କମୁଛି ସାମୁଦ୍ରିକ ମାଛ ଉତ୍ପାଦନ

**ବାସୁଦେବପୁର,୨୭।୨(ଡି.ଏନ.ଏ.)**


କାମରେ ଆସୁ ନ ଥିବା ଜେଟି ଗୃହ।

- ଭିତ୍ତିଭୂମି ବିକାଶ ଉପରେ ଦିଆଯାଉନି ଗୁରୁତ୍ୱ
- ଭାଙ୍ଗିରୁଜି ଗଲାଣି ଜେଟି ଗୃହ
- ବେଉସା ହରାଇବାକୁ ବସିଛନ୍ତି ମତ୍ସ୍ୟଜୀବୀ

ଭଦ୍ରକ ଜିଲାର ବାସୁଦେବପୁର ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ। ଏହି ବ୍ଲକର ୩୬ ପଞ୍ଚାୟତ ମଧ୍ୟରୁ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଓ ପୌରପାଳିକାର ୨ଟି ୱାର୍ଡ ବଙ୍ଗୋପସାଗର ଉପକୂଳରେ ରହିଛି। ବାସୁଦେବପୁର ଅଞ୍ଚଳର ୧୫ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ମାଛ ଉତ୍ପାଦନ, ବିକ୍ରି ଓ ରପ୍ତାନୀ ଆଦି କାର୍ଯ୍ୟରେ ନିୟୋଜିତ ରହି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଚଳିତବର୍ଷର ଜଳବାୟୁ ପରିବର୍ତ୍ତନ ହେତୁ ଆବଶ୍ୟକ ପରିମାଣରେ ମାଛ ଉତ୍ପାଦନ ହୋଇପାରି ନାହିଁ। ତେବେ ଭିତ୍ତିଭୂମି ବିକାଶ ହୋଇପାରୁ ନ ଥିବାରୁ ମାଛ ଉତ୍ପାଦନ କମୁଥିବା କୁହାଯାଉଛି।

ବ୍ଲକର ଚୁଡ଼ାମଣି, କଷିଆ ଓ ପଢ଼ୁଆଁଠାରେ ସରକାରୀ ଭାବେ ୩ଟି ଜେଟି ନିର୍ମାଣ କରାଯାଇ ମାଛ ଉତ୍ପାଦନ ଓ ରପ୍ତାନୀ ପାଇଁ ବ୍ୟବସ୍ଥା କରାଯାଇଛି। ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ ସାମୁଦ୍ରିକ ମାଛ ଉତ୍ପାଦନ କ୍ଷେତ୍ରରେ ୬୨୫୦ ମେଟ୍ରିକ ଟନ୍ ଧାର୍ଯ୍ୟ ଥିଲା। ଏହିବର୍ଷ ମୋଟ ୫୮୯୨.୪୬ ମେଟ୍ରିକ ଟନ୍ ମାଛ ଉତ୍ପାଦନ ହୋଇପାରିଛି। ଯାହାକି ଲକ୍ଷ୍ୟଠାରୁ ପଛରେ ପଡ଼ିଯାଇଛି। ଚୁଡ଼ାମଣି ଜେଟିରୁ ୧୯୧୯.୭୧ ଟନ୍, କଷିଆ ଜେଟିରୁ ୨୧୮୮.୩୨ ମେଟ୍ରିକ ଟନ୍, ପଢ଼ୁଆଁ ଜେଟିରୁ ୭.୦୫ ମେଟ୍ରିକ ଟନ୍ ମାଛ ଉତ୍ପାଦନ ହୋଇଛି। ଏହି ୩ଟି ଜେଟିରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୫୫୯୦ ମେଟ୍ରିକ ଟନ୍ ମାଛ, ୩୦୫ ମେଟ୍ରିକ ଟନ୍ ଚିଙ୍ଗୁଡ଼ି ଓ ୧.୫ ଟନ୍ କଙ୍କଡ଼ା ଉତ୍ପାଦନ ହୋଇଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୫.୫୦୦ ମେଟ୍ରିକ ଟନ୍ ମାଛ ଧରିବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିଲାବେଳେ ୫୪୯୦ ମେଟ୍ରିକ ଟନ୍ ଧରାଯାଇପାରିଥିଲା। ୩ଟି ଜେଟିରୁ ଉତ୍ପାଦିତ ମାଛ ସ୍ଥାନୀୟ ଅଞ୍ଚଳ ଓ ବାହାର ବଜାରର ମାଛ ଚାହିଦାକୁ ମେଣ୍ଟାଇ ପାରୁନାହିଁ। ଚୁଡ଼ାମଣି, କଷିଆ ଜେଟିର ଦୁର୍ବଳ ଭିତ୍ତିଭୂମି ଯୋଗୁ ମାଛ ଉତ୍ପାଦନ ହ୍ରାସ ହେଉଛି। ଚୁଡ଼ାମଣି ଜେଟି ଗୃହ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ବେଳେ ଏହା ମରାମତି କରାଯାଉ ନାହିଁ। ଅର୍ଦ୍ଧଭଗ୍ନ ଅବସ୍ଥାରେ ଜେଟି ଗୃହଗୁଡ଼ିକ ଏବେ ଭୂତକୋଟି ପାଲଟିଛି। ଗୃହ କାନ୍ଥରେ ବଡ଼ ବଡ଼ ଫାଟ ସହିତ ଛାତରୁ ପ୍ଲାଷ୍ଟର ଖସୁଛି। ଚୁଡ଼ାମଣି ଜେଟି ଅଧୀନରେ ୬୪ ଟ୍ରଲର, ୨୪ ଗିଲେଟିନ୍, ୯୬ ମୋଟରଚାଳିତ ବୋଟ ଥିଲାବେଳେ କଷିଆ ଜେଟିରେ ୯ଟି ଗିଲେଟିନ୍, ୭୫ ଯନ୍ତ୍ରଚାଳିତ ବୋଟ ଏବଂ ପଢ଼ୁଆଁରେ ୬ଟି ମୋଟରଚାଳିତ ବୋଟ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ରେଜିଷ୍ଟ୍ରେଶନ ସହ ଲାଇସେନ୍ସପ୍ରାପ୍ତ ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ କହିଛନ୍ତି। କଷିଆ ଜେଟିରେ ମୁହାଣ ପୋତି ହୋଇପଡ଼ିଥିବା ସହିତ ଜେଟି ଗୃହ ନିର୍ମାଣ ହୋଇପାରିନାହିଁ। ଦୁର୍ବଳ ଭିତ୍ତିଭୂମି ଯୋଗୁ ଶତାଧିକ ମତ୍ସ୍ୟଜୀବୀ ପରିବାର ନିଜର ବେଉସା ହରାଇବାକୁ ବସିଛନ୍ତି ବୋଲି ଟ୍ରଲର ମାଲିକ ସଂଘ ପକ୍ଷରୁ ସମ୍ପାଦକ ଶଶୀକାନ୍ତ ନାୟକ ଓ ସଭାପତି ନୀଳକଣ୍ଠ ମଲିକ ପ୍ରକାଶ କରିଛନ୍ତି। ଦୁଇ ଜେଟିର ଭିତ୍ତିଭୂମି ବିକାଶ ପାଇଁ ମତ୍ସ୍ୟଜୀବୀଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି।



ଶିଳ୍ପ ନିରାପତ୍ତା କର୍ମଶାଳାରେ ଉପସ୍ଥିତ ଅତିଥି।

# ଶିଳ୍ପ ନିରାପତ୍ତା କର୍ମଶାଳା

**ଚାନ୍ଦବାଲି,୨୭।୨(ଡି.ଏନ.ଏ.)**

ଧାମରା ଗଙ୍ଗାମାତା ମନ୍ଦିର ପ୍ରାଙ୍ଗଣରେ ଶିଳ୍ପାୟନରେ ଘଟୁଥିବା ଅସୁବିଧା ଏବଂ ତାହାର ପ୍ରତିକାରକୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ନିର୍ଦ୍ଦେଶକ, ଭଦ୍ରକ ଜିଲା ଶିଳ୍ପକେନ୍ଦ୍ର ଓ ଶିଳ୍ପ ନିରାପତ୍ତା ବିଭାଗର କର୍ମକର୍ତ୍ତା, ଧାମରାରେ ଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଅନୁଷ୍ଠାନର ପରିଚାଳକ କର୍ମଶାଳାରେ ଯୋଗ ଦେଇଥିଲେ। ଶିଳ୍ପଗୁଡ଼ିକରେ ବୈଧାନିକ ସତର୍କତା ବିଷୟରେ ଆଲୋଚନା ହୋଇଥିଲା। ଭଦ୍ରକ ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଇଂ. ପୀତାମ୍ବର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଫ୍ୟାକ୍ଟ୍ରି ଏବଂ ବୟଲର ଯାଜପୁରର ଡେପୁଟି ଡାଇରେକ୍ଟର ଉମେଶ ଚନ୍ଦ୍ର ସୂତାର, ନିରାପତ୍ତା ଅଧିକାରୀ ସୁବ୍ରତ କୁମାର ମଣ୍ଡଳ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବୈଜ୍ଞାନିକ ଭିମଚରଣ ମାରାଣ୍ଡି, ବାଲେଶ୍ୱର ଭଦ୍ରକ ବରଫ କଳ ସଂଘର ସଭାପତି ସୁରତ କୁମାର ସାହୁ, ସମ୍ପାଦକ ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଧାମରା ଆଇପିଓ ଶଶୀଶେଖର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଇ ମାର୍କେଟିଂକୁ ଲୋକାଭିମୁଖୀ କରିବା, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଜେଡ୍ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ‘ସେବା ମାଧ୍ୟମରେ ଆସେ ପରିବର୍ତ୍ତନ’

**ଆରଡ଼ି,୨୭।୨(ଡି.ଏନ.ଏ.)**


ଅତିଥି, ପ୍ରୋଗ୍ରାମ ଅଫିସରଙ୍କ ସହ ଶିବିରାର୍ଥୀ।

ଆରଡ଼ି ନିକଟସ୍ଥ ପହଣା ଜାଗୁଲାଇ ମାଧ୍ୟମିକ ବିଦ୍ୟାଳୟରେ ଆଖଣ୍ଡଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ୭ ଦିନିଆ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ସଭା ଆୟୋଜନ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ମୁଖ୍ୟଅତିଥି ଓ ଶିକ୍ଷାବିତ୍ ଦୀପ୍ତିରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଓ ଏହାଦ୍ୱାରା ଜୀବନର ପୂର୍ଣ୍ଣତା ଆସେ ବୋଲି କହିଥିଲେ। ସେବା ସଂସ୍ଥା ମହିଳା ୟୁନିଟର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା ୭ ଦିନ ଧରି ଆରଡ଼ିରେ ଶିବିରାର୍ଥୀଙ୍କୁ ନେଇ ପୀଠ ସଫେଇ, ଶାନ୍ତିଶୃଙ୍ଖଳା ରକ୍ଷା, ଚାରାରୋପଣ ଓ ଆଶୁ ଚିକିତ୍ସା ପ୍ରଦାନ ସହ ଯେଉଁ ପରାକାଷ୍ଠା ଦେଖାଇଛନ୍ତି ତାହାର ପଟ୍ଟାନ୍ତର ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୧ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜାତୀୟ ସେବା ସଂସ୍ଥା ବ୍ୟୁରୋ କୋଅର୍ଡିନେଟର ଡା. ଦୀପକ କୁମାର ବେହେରା ଓ ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ସଂଯୋଜକ ନିରଦ ବରଣ ଖୁଣ୍ଟିଆ ସେବା ଶିବିର ପରିଦର୍ଶନରେ ଆସି ଶିବିରାର୍ଥୀମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ବିଭିନ୍ନ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ହୋତା, ପ୍ରାଧ୍ୟାପକ ବିଜୟ କୁମାର ପରିଡ଼ା, ଧୀରେନ କୁମାର ପାତ୍ର, କନକଲତା ବେହେରା, ଅଧ୍ୟାପକ ତ୍ରିଲୋଚନ ଦାସ, ସତ୍ୟାନନ୍ଦ ରାୟ, ପୁଷ୍ପରେଣୁ ଜେନା, ଶିକ୍ଷା କର୍ମଚାରୀ ହୃଷୀକେଶ ସାହୁ, ପ୍ରାଣବନ୍ଧୁ ଓଝା, ବୈଷ୍ଣବ ସାହୁ ପ୍ରମୁଖ ଶିବିରକୁ ଆସି ସେବା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଶିବିରାର୍ଥୀମାନଙ୍କୁ କହିଥିଲେ।

# ବ୍ଲକ ଠିକାଦାର ସଂଘ ଗଠିତ

**ଧାମନଗର,୨୭।୨(ଡି.ଏନ.ଏ.)**

ଧାମନଗର ଜଳସେଚନ ଡାକବଙ୍ଗଳାରେ ବ୍ଲକ ଠିକାଦାର ସଂଘ ଗଠିତ ହୋଇଯାଇଛି। ସଭାପତି ଭାବେ ନିତ୍ୟାନନ୍ଦ ଦାସ, ଉପସଭାପତି ଗଙ୍ଗାଧର ପାଣିଗ୍ରାହୀ, ସମ୍ପାଦକ ବିଶ୍ୱକେତନ ସାମଲ, ସହସମ୍ପାଦକ ପ୍ରଭାତ ଦାଶ ଓ କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର ବିଶ୍ୱାଳ ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ସନ୍ତୋଷ ମଲିକ, ପ୍ରଦୀପ ମାଝୀ, ଭାଗିରଥୀ ସାହୁ, ପ୍ରିୟଦର୍ଶୀ ନାୟକ, ବିଶ୍ୱଜିତ ମହାନ୍ତି ଓ ଉମାକାନ୍ତ ସେଠୀଙ୍କୁ ଚୟନ କରାଯାଇଥିଲା। ସଦସ୍ୟ ଭାବେ ରାମଚନ୍ଦ୍ର ସାହୁ, ବିଷ୍ଣୁ ମହାପାତ୍ର, ନାରାୟଣ ରାଉତ, ନନ୍ଦକିଶୋର ସାହୁ, ଅଜୟ ନାୟକ, ପ୍ରଭାତ ସାହୁ, ନୀଳମନୀ ନାଥ ଓ ସୁଧୀର ଶେଖର ରଥ ପ୍ରମୁଖ ରହିଛନ୍ତି। କର୍ମକର୍ତ୍ତା ମନୋନୟନ ପରେ ସଂଘର ଆଭିମୁଖ୍ୟ ଏବଂ ଦାୟିତ୍ୱ ଉପରେ ଆଲୋଚନା କରାଯାଇଥିଲା।



ପାଠଚକ୍ରରେ ଯୋଗ ଦେଇଥିବା ଅତିଥି।

# ଭଦ୍ରକ ମହିଳା ମହାବିଦ୍ୟାଳୟରେ ଇତିହାସ ପାଠଚକ୍ର

**ଭଦ୍ରକ ଅଫିସ, ୨୭।୨**

ଭଦ୍ରକ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ ‘ଏକବିଂଶ ଶତାବ୍ଦୀରେ ଗାନ୍ଧୀଙ୍କର ଆବଶ୍ୟକତା’ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଉଦୟ ନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ, ଅଡସପୁର, କଟକ, ଇତିହାସ ବିଭାଗର ପ୍ରଫେସର ଡ. ଖାରବେଳ ମହାନ୍ତି ଏବଂ ଅଧ୍ୟାପକ ରଞ୍ଜନ କୁମାର ରଥ ସହାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ତୀର୍ଥବାସୀ ଦାସ ସଭାପତିତ୍ୱ କରି ଭାରତ ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ମନୋଜ ସାହୁ ଗାନ୍ଧିଜୀଙ୍କ ରାଜନୈତିକ, ସାମାଜିକ, ଦର୍ଶନଶାସ୍ତ୍ର ଏବଂ ବର୍ତ୍ତମାନ ଯୁଗରେ ଏହାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସହାୟକ ବକ୍ତା ରଥ ଗାନ୍ଧୀବାଦର ଆବଶ୍ୟକତା ଉପରେ କହିଥିଲେ। ମୁଖ୍ୟବକ୍ତା ଡ. ମହାନ୍ତି ଗାନ୍ଧୀବାଦ ଦର୍ଶନର ଉତ୍ସ ତଥା ସ୍ୱାଧୀନୋତ୍ତର ଭାରତ ବର୍ଷରେ ସମ୍ବିଧାନ ପ୍ରଣୟନ, ସମାଜରେ ପ୍ରଚଳିତ ବ୍ୟଭିଚାର, ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ ଆଧୁନିକ ଯୁଗରେ ମଧ୍ୟ ଉପାଦେୟତା ରହିଛି ବୋଲି କହିଥିଲେ। ସନ୍ଧ୍ୟାରାଣୀ ପରିଡ଼ା, ମାନସୀ କୁଅଁରଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଯୁକ୍ତ ୩ ତୃତୀୟ ବର୍ଷର ଅଙ୍କିତା ରଣା, ରାଧାରାଣୀ ଦେ, ସସ୍ମିତା ମହାକୁଡ, ୨ୟ ବର୍ଷର ସୁଚିସ୍ମିତା ଦାସ, ସ୍ୱର୍ଣ୍ଣମୁଦ୍ରା କରନ, ଗୀତାଞ୍ଜଳି ମଣ୍ଡଳ, ପ୍ରଜ୍ଞାପରମିତା ପଣ୍ଡା ଓ ଲୁବ୍ନା ସରିଫ ସେମାନଙ୍କ ଦ୍ୱାରା ଲିଖିତ ପ୍ରବନ୍ଧପାଠ କରିଥିଲେ।

# ନଜ୍‌ମା ଖାତୁନଙ୍କ ପରଲୋକ

**ଭଦ୍ରକ ଅଫିସ, ୨୭।୨**


ନଜ୍‌ମା ଖାତୁନ୍।

ଭଦ୍ରକର ପ୍ରତିଷ୍ଠିତ ଖବରକାଗଜ ବିତରକ ସେକ୍ ଆସିଫ୍ ଅଲ୍ଲୀଙ୍କ ସାନଭଉଣୀ ନଜ୍‌ମା ଖାତୁନ(୪୫)ଙ୍କ ପରଲୋକ ଘଟିଛି। ସେ ଦୀର୍ଘ ୬ ବର୍ଷ ହେବ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ମେଳାପୀ, ଆଦର୍ଶ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ତାଙ୍କ ଭାଇ ସେକ୍ ଆସିଫ ଅଲ୍ଲୀଙ୍କୁ ଜିଲାର ବିଭିନ୍ନ ସ୍ଥାନକୁ ଖବରକାଗଜ କିଭଳି ଠିକ୍ ସମୟରେ ଠିକ୍ ଭାବେ ଯାଇପାରିବ ସେ ଦିଗରେ ସହାୟତା କରିଆସୁଥିଲେ। ବୁଧବାର ପୁରୁଣାବଜାର, ଚନ୍ଦନବଜାର ସମେତ ନିଜ ଗ୍ରାମ ଶଙ୍କରପୁର ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ସେକ୍‌ସାହି ମସ୍‌ଜିଦ୍‌ରେ ୨ଟାରେ ଜନାଜା ନମାଜ ପାଠ କରାଯିବା ପରେ ଶଙ୍କରପୁରସ୍ଥିତ ମଶାଣି ପୀଠରେ ସମାଧି ଦିଆଯାଇଥିଲା। ତାଙ୍କ ଶବାଧାର ନିକଟରେ ସ୍ୱାମୀ ଜମିଲୁର ରହେମାନ ଖାଁ, ଏକମାତ୍ର କନ୍ୟା ସହେଲା ଜମିଲଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି, ଖବରକାଗଜ ବିତରକ ଓ ବନ୍ଧୁ ପରିଜନ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ୩ରୁ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

**ବାସୁଦେବପୁର,୨୭।୨(ଡି.ଏନ.ଏ.):** ବାସୁଦେବପୁର ପୌରପାଳିକା ମଣ୍ଡଳପୋଖରୀ ପଡ଼ିଆରେ ଆସନ୍ତା ମାର୍ଚ୍ଚ ୩ରୁ ଆରମ୍ଭ ହେବ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ। ମଣ୍ଡଳପୋଖରୀ ଯୁବକ ସଂଘ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ୫ ତାରିଖରେ ଶେଷ ହେବ। ଭାରତର ୬ଟି ସୁନାମଧନ୍ୟ ଭଲିବଲ ଟିମ୍ ଅଂଶଗ୍ରହଣ କରିବେ। ଏଥିରେ ଭାରତୀୟ ଭଲି ଦଳର ୧୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେବେ ବୋଲି ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଣ୍ଡଳ ପୋଖରୀ ଯୁବକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟରେ ଓଏନ୍‌ଜିସି ଟିମ୍ ଗୌହାଟି, ବିପିସିଏଲ୍ ଟିମ୍ କେରଳ, ଏସ୍‌ଡବ୍ଲ୍ୟୁଆର୍ କର୍ଣ୍ଣାଟକ, ଛତିଶଗଡ଼ ପୋଲିସ ଟିମ୍, ହାଇଦ୍ରାବାଦ ଆର୍ମି ଏବଂ ଓସିଆର୍‌ପିଏଫ୍ ଟିମ୍ ଦିଲ୍ଲୀ ଅଂଶଗ୍ରହଣ କରିବ। ସର୍ବଭାରତୀୟ ସ୍ତରର ଖେଳାଳି ଦିପେଶ ସିହ୍ନା, ଶିଖର ସିଂ, ଅମିତ ଗୋଲିଆ, ଓସୱାଲ ରାଏ, ଜେରୋମି ବିନିଥ୍, ଟମ୍‌ଜୋସେଫ୍, ଅଖିନଜେସ୍, ସାଣ୍ଟୋ ଟିଜନ୍, ଅର୍ଜିତ ଲାଲ, ବିନିତ ଚୌଧୁରୀ ପ୍ରମୁଖ ଖେଳାଳି କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ। ମଣ୍ଡଳ ପୋଖରୀ ଯୁବକ ସଂଘ ସଭାପତି ଉଦୟ ନାରାୟଣ ମଲିକ, ସମ୍ପାଦକ ନିତ୍ୟାନନ୍ଦ ମଲିକ, କୋଷାଧ୍ୟକ୍ଷ ପଞ୍ଚାନନ ସେନାପତି, ଉପଦେଷ୍ଟା ଉଦୟ କୁମାର ମଲିକ, ଶଶୀକାନ୍ତ ମଲିକ ଓ ସଭ୍ୟ ରମାକାନ୍ତ ଘଡ଼େଇ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଯୁବକ ସଂଘ କର୍ମକର୍ତ୍ତା।

# ନିରୁତ୍ସାହିତ ନ ହେବାକୁ ପରାମର୍ଶ

**ଭଦ୍ରକ ଅଫିସ,୨୭।୨**

ଛାତ୍ର ଜୀବନରେ ନିରୁତ୍ସାହିତ ନ ହୋଇ ଧୈର୍ଯ୍ୟ ଧରି ପାଠ ପଢ଼ିବା ଆବଶ୍ୟକ। ଅସଫଳତା ହିଁ ସଫଳତାର ଜନନୀ। ଛାତ୍ରୀଛାତ୍ର ଭବିଷ୍ୟତକୁ ଆଖି ଆଗରେ ରଖି ଅଧୈର୍ଯ୍ୟ ନ ହେବାକୁ ଗୁରୁବାର ଭଦ୍ରକ ଚରମ୍ପା ମହାବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଧାୟକ ସଞ୍ଜୀବ ମଲ୍ଲିକ ପରାମର୍ଶ ଦେଇଛନ୍ତି। ମହାବିଦ୍ୟାଳୟର ପ୍ରମୁଖ ସମସ୍ୟା ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ସେ କହିଥିଲେ। ଅଧ୍ୟକ୍ଷ ବ୍ରଜକିଶୋର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପିକା ବାସନ୍ତୀଲତା ନାୟକ, ପ୍ରାଧ୍ୟାପକ ପୀତାମ୍ବର ନାୟକ, ଅଧ୍ୟାପକ ପ୍ରବୀର ମହାପାତ୍ର, ପ୍ରାଧ୍ୟାପକ ଡ. ରମେଶ ଦାସ, ଜିଲା ଛାତ୍ର ବିଜେଡି ସଭାପତି ତଥାଗତ ସାମଲ, ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଡ. ସୁକାନ୍ତି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ବଳ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କୁ ଅବଗତ କରାଇଥିଲେ। କଲେଜର ୪୩ ଏକର ଜମି ଥାଇ ସୁଦ୍ଧା ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା, କଲେଜ ପରିସର ଦେଇ ସର୍ବସାଧାରଣ ରାସ୍ତା ଯାଇଥିବା କାରଣରୁ ହେଉଥିବା ବିଭିନ୍ନ ସମସ୍ୟା ଓ ଶ୍ରେଣୀଗୃହ ସମସ୍ୟା ବାବଦରେ ସେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଏକ ନୂତନ ଶ୍ରେଣୀଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।


ଉତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ

**ଚାନ୍ଦବାଲି,୨୭।୨(ଡି.ଏନ.ଏ.)**

ଭଦ୍ରକ ଜିଲା ମତୋ ବଜାର ସଂଲଗ୍ନ ପ୍ରାଥମିକ ଚିକିତ୍ସାକେନ୍ଦ୍ର ପଛପାଖ ବିଲରେ ଥିବା ଏକ ଗଛରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ମତୋ ପାଟଣା ସାହିର ପ୍ରଫୁଲ୍ଲ ମହାନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ମତୋ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ପ୍ରଫୁଲ୍ଲ ଟ୍ରାକ୍ଟର ଡ୍ରାଇଭର ଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ଚାନ୍ଦବାଲି ଥାନାରେ ଏକ ମାମଲା(ନଂ.୩୭/୨୦) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଭଦ୍ରକରୁ ଆସିଥିବା ୫ ଜଣିଆ ଫରେନସିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିଛି।


ଜିଲା ଜଜ୍‌ଙ୍କ ପରିଦର୍ଶନ ବେଳେ ଉପସ୍ଥିତ ଅଧିକାରୀ ଓ ଆଇନଜୀବୀ।

# କୋର୍ଟ କାର୍ଯ୍ୟକ୍ଷମ ନେଇ ଜିଲା ଜଜ୍‌ଙ୍କ ବନ୍ତ ଗସ୍ତ

**ବନ୍ତ,୨୭।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତଠାରେ ପ୍ରାଥମିକ ବିଚାର ବିଭାଗୀୟ ଅଦାଲତ କାର୍ଯ୍ୟକ୍ଷମ କରାଯିବା ନେଇ ଜିଲା ଜଜ୍ ଶିଶିର କୁମାର ରଥ ପରିଦର୍ଶନରେ ଆସିଥିଲେ। ତାଙ୍କ ସହିତ ଜିଲା କୋର୍ଟ ମ୍ୟାନେଜର ମାନସ ରଞ୍ଜନ ରଥ, ତହସିଲଦାର ଇନ୍ଦିରା ସାହୁ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କୃଷ୍ଣପଦ ମହାନ୍ତି ଉପସ୍ଥିତ ଥିଲେ। ବନ୍ତ ହାଟ ନିକଟସ୍ଥ ଅସ୍ଥାୟୀ ଗୃହରେ କୋର୍ଟ ଚାଲିବା ନେଇ ସମସ୍ତ ପ୍ରକାର ବ୍ୟବସ୍ଥାକୁ ଜିଲା ଜଜ୍ ବୁଲି ଦେଖିବା ସହ ସନ୍ତୋଷ ପ୍ରକାଶ କରିଥିଲେ। ବାକି ଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ସେ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ଜିଲା ଜଜ୍‌ଙ୍କ ପରିଦର୍ଶନ ବେଳେ ବନ୍ତ ଅଞ୍ଚଳର ଆଇନଜୀବୀ ରାଧାକାନ୍ତ ସାହୁ, ଅରବିନ୍ଦ ଦାଶ, ସଂଗ୍ରାମ କେଶରୀ ଜେନା, ପରମେଶ୍ୱର ବାରିକ, ଅଣାକାର ମଲ୍ଲିକ, ଜ୍ଞାନଦା ପ୍ରସାଦ କରଶର୍ମା, ସତ୍ୟରଞ୍ଜନ ଜେନା, ରବୀନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୋଷ୍ଟ ଅଫିସ ବନ୍ଦ ଯୋଗୁ ଲୋକେ ହଇରାଣ

ହାଟଡିହୀ,୨୭।୨(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ସବ୍ ପୋଷ୍ଟ ଅଫିସ ବୁଧବାର ବନ୍ଦ ରହିଥିଲା। ବିଭିନ୍ନ କାର୍ଯ୍ୟରେ ଆସିଥିବା ଲୋକେ ନିରାଶ ହୋଇ ଫେରିଥିଲେ । ପୋଷ୍ଟ ଅଫିସ ବନ୍ଦ ବାବଦରେ କୌଣସି ସୂଚନା ନୋଟିସ ବୋର୍ଡରେ ବି ଉଲ୍ଲେଖ ନାହିଁ। ବ୍ଲକ ଅଧୀନରେ ତହସିଲ, ବ୍ଲକ, ବ୍ୟାଙ୍କ, ଟ୍ରେଜେରି ପ୍ରମୁଖ ଅଫିସ ରହିଛି । ବ୍ଲକ ମୁଖ୍ୟାଳୟରେ ଥିବା ପୋଷ୍ଟ ଅଫିସ ବନ୍ଦ ଯୋଗୁ ସରକାରୀ, ବେସରକାରୀ କାର୍ଯ୍ୟରେ ବାଧା ଉପୁଜିଛି।

### ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ, ଜଣେ ଗୁରୁତର

ଆନନ୍ଦପୁର,୨୭।୨(ସ୍ୱ.ପ୍ର.)- ଘସିପୁରା ଥାନା ଅନ୍ତର୍ଗତ ସଠତୀରା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ବ୍ୟକ୍ତି ଭୁଜାଲି ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସଠତୀରା ଗ୍ରାମର ଭୀମସେନ ଅମାନ୍ତଙ୍କ ପୁଅ ସୁନିଆ(୩୭)। ଗୁରୁବାର ସକାଳେ ସୁନିଆ ଗ୍ରାମ ନିକଟ କୁଶେଇ ନଦୀକୂଳକୁ ଯାଇଥିବା ସମୟରେ ସେହି ଗ୍ରାମର ଜଣେ ଯୁବକ ତାଙ୍କୁ ଭୁଜାଲି ଏବଂ ଲୁହାରଡ୍ ସାହାଯ୍ୟରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୁନିଆଙ୍କ ବାପା ଏ ନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

### ବେଆଇନ ଭେଣ୍ଡିଂ ଜୋନ୍‌ର ତଦନ୍ତ ଆଦେଶ

କେନ୍ଦୁଝର, ୨୭।୨(ସ୍ୱ.ପ୍ର.)- କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ନିୟମ ଉଲ୍ଲଂଘନ କରି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଆସୁଛି। ଏଭଳି ବଡ଼ହଳ ମୌଜାରେ ଏକ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଛି। ତେବେ ଏହି ଜମି ଜଣେ ସ୍ଥାନୀୟ ଲୋକଙ୍କ ନାମରେ ରହିଥିଲା, ଯାହାଙ୍କର ୨୦୧୭ ମସିହାରେ ଦେହାନ୍ତ ହୋଇଯାଇଛି । ଏହା ସତ୍ତ୍ୱେ ଜମି ଠିକ୍ ଚିହ୍ନଟ ନ କରି ଉକ୍ତ ଜମିରେ ବେଆଇନ ଭାବେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିବାରୁ ତାଙ୍କ ପୁଅ ପ୍ରସନ୍ନ କୁମାର ଦାସ ସମ୍ବଲପୁର ଆରଡ଼ିସିଙ୍କୁ ଜାନୁୟାରୀ ୧୭ ତାରିଖରେ ଲିଖିତ ଭାବେ ଜଣାଇଥିଲେ । ଏଣୁ ଏହି ଜମିକୁ ଖାଲି କରିବା ସହ ଏଠାରେ ଖର୍ଚ୍ଚ ହୋଇଥିବା ଅର୍ଥ ପୌରପାଳିକା କର୍ତ୍ତୃପକ୍ଷଙ୍କଠାରୁ ଆଦାୟ କରିବା ପାଇଁ ନିବେଦନ କରିଥିଲେ । ଏହି ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ଆରଡ଼ିସିଙ୍କ ସଚିବ ରାଜେନ୍ଦ୍ର ପ୍ରସାଦ ମୁଣ୍ଡ ଚିଠି ନମ୍ବର ୩୧-୬/୨୦ରେ ଜିଲାପାଳଙ୍କୁ ଆଦେଶ ଦେବା ସହ ମେମୋ ନମ୍ବର ୧୮୪ ରେ ପ୍ରସନ୍ନ କୁମାର ଦାସଙ୍କୁ ଚିଠି ଦେଇଥିବା ଜଣାପଡିଛି । ଏଣୁ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି ହେଉଛି ।

### ୨୫ତମ ବିଶ୍ୱଶାନ୍ତି ମହାଯଜ୍ଞର କଳସ ଶୋଭାଯାତ୍ରା

ବଉଳା, ୨୭।୨(ଡି.ଏନ୍.ଏ.)- ହାଟଡିହୀ ବ୍ଲକର ବାଲିବରେଇ ବିଦ୍ୟାଧରପୁର ମୁକ୍ତେଶ୍ୱର ମନ୍ଦିର ନିକଟରେ ୨୫ତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା କରାଯାଇଛି । ପୂଜାର୍ଚ୍ଚନା କରାଯାଇ ସାଳନ୍ଦୀ ନଦୀ ପାଣି କଳସିଆମାନେ ଧରି ଗ୍ରାମ ପରିକ୍ରମା କରିବା ସହିତ ଯଜ୍ଞମଣ୍ଡପ ନିକଟରେ ଘଟ ସ୍ଥାପନ କରାଯାଇଛି । ପୂଜକ ଭାବେ ଅଶୋକ ଆଚାର୍ଯ୍ୟ, ପଣ୍ଡିତ ପୂର୍ଣ୍ଣ ସୁନ୍ଦର, ପଣ୍ଡିତ ଅକ୍ଷୟ କୁମାର ଷଡ଼ଙ୍ଗୀ, ପଣ୍ଡିତ ଲଳିତ ପ୍ରସାଦ, ପଣ୍ଡିତ ଗୋପାଳ ମିଶ୍ର ପ୍ରମୁଖ ରୀତିନୀତି ଅନୁଯାୟୀ ପୂଜାପାଠ କରିଛନ୍ତି । ୧୦୮ଟି କଳସ ମହିଳା ଓ ପୁରୁଷ ଆଣିଥିବା ବେଳେ ଏହି ଶୋଭାଯାତ୍ରା ସମୟରେ ଘଣ୍ଟ ବାଦ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଛି।

### ଚୋରା କାଠ ସହ ଟ୍ରାକ୍ଟର ଜବତ

ପାଟଣା, ୨୭।୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ମାଛଗଡ଼ ବିଟ୍ ଅନ୍ତର୍ଗତ ଗୋଜାପଥର ଗ୍ରାମ୍ୟ ଜଙ୍ଗଲରୁ ବୁଧବାର ରାତିରେ ୬୮ ଖଣ୍ଡ ଶାଳ ଚଉକାଠ କାଟି ଚାଲାଣ ହେଉଥିବା ଖବର ପାଇ ପାଟଣା ବନ କର୍ମଚାରୀ ପହଞ୍ଚିଥିଲେ। ସେଠାରୁ କାଠ ସହ ଚାଲାଣରେ ବ୍ୟବହୃତ ଟ୍ରାକ୍ଟରକୁ ଜବତ କରାଯାଇଛି। ଏହି ସବୁ କାଠର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ବେଶି ହେବ ବୋଲି ରେଞ୍ଜର ପବିତ୍ର ମୋହନ ନାଏକ କହିଛନ୍ତି।

# ଜଳ ବିଭାଜିକା ପିଡିଙ୍କ ଅଫିସ ଘେରିଲେ

**ପିଏସ୍‌ଏମ୍‌ଇ ଅନୁଦାନ ହେରଫେର ଅଭିଯୋଗ**

କେନ୍ଦୁଝର, ୨୭।୨ (ସ୍ୱ.ପ୍ର./ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ବାରିଆ ଅଞ୍ଚଳରେ ପିଏସ୍‌ଏମ୍‌ଇ ଅନୁଦାନ ଅର୍ଥ ହେରଫେର କରାଯାଇଥିବା କେତେକ ଚାଷୀ ଜଳ ବିଭାଜିକା ପିଡି କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଚାଷୀଙ୍କୁ ସହାୟତା ରାଶି ମିଳୁ ନ ଥିଲା। ଏନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ କରି ନୟାନ୍ତ ହେବା ପରେ ଗୁରୁବାର ଉକ୍ତ ଅଞ୍ଚଳର ଚାଷୀ ମାନେ ଜିଲାପାଳଙ୍କ ପାଖକୁ ଘେରାଉ କରି ଜବାବ ମାଗିବାକୁ ଆସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତି ଥିବା ଜାଣିବା ପରେ ଜଳ ବିଭାଜିକା କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ କରିଥିଲେ। ସ୍ଥାନୀୟ ଜଳ ବିଭାଜିକାର କେତେକ ଅଧିକାରୀ ଗତବର୍ଷ ସେପ୍ଟେମ୍ବର ମାସରେ ଝୁମ୍ପୁରା



ଚାଷୀମାନେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିଛନ୍ତି।

ବ୍ଲକ ସୀତାରାମପୁର, ଗୋବିନ୍ଦପୁର, ବାଲିପଶି ଗ୍ରାମର ଚାଷୀଙ୍କ ଘରକୁ ଯାଇ ଚାଷୀଙ୍କ ଫଟୋ ଉଠାଇ ସେମାନଙ୍କର ଆଧାରକାର୍ଡ, ପାସବୁକ୍ ଓ ପଟ୍ଟାର ନକଲ ସଂଗ୍ରହ କରିଥିଲେ। କ'ଣ ପାଇଁ ଏହା ନିଆଯାଉଛି ବୋଲି ଚାଷୀମାନେ ପଚାରିବାରୁ ଜଳ ବିଭାଜିକାର ଚାଷୀଙ୍କୁ ୫ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପାସବୁକ୍‌କୁ ଆସିବ ବୋଲି କହିଥିଲେ। କିନ୍ତୁ କୌଣସି ଚାଷୀଙ୍କୁ ଏହି ଅର୍ଥ ମିଳି ନ ଥିଲା। ଅପରପକ୍ଷେ ଉପରୋକ୍ତ ଗ୍ରାମର କେତେକ ଚାଷୀଙ୍କ ଆକାଉଣ୍ଟକୁ ୩୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଆସିଥିବା ଜଣାପଡିଥିଲା। କିନ୍ତୁ ଜଳ ବିଭାଜିକା ତରଫରୁ ଏହି ଟଙ୍କା ଆସିଛି ବୋଲି ନ ଜଣାଇ ଏହା ତାଙ୍କର ବ୍ୟକ୍ତିଗତ ଟଙ୍କା କହି କେତେକ ଚାଷୀଙ୍କ ପାସବୁକ୍‌ରୁ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏହି ଅର୍ଥ ପିଏସ୍‌ଏମ୍‌ଇ ଫଣ୍ଡରୁ ଜଳ ବିଭାଜିକା ଯୋଜନାରେ ଆସିଥିବା ଚାଷୀମାନେ ଜାଣିପାରିବା ପରେ ଜଳ ବିଭାଜିକାର ସଭାପତି ଓ ସମ୍ପାଦକଙ୍କୁ ପଚାରିବାରୁ କାହାରି ଆକାଉଣ୍ଟକୁ ଟଙ୍କା ଆସିନାହିଁ, ଆମେ ଏସମ୍ପର୍କରେ କିଛି ଜାଣିନାହିଁ ବୋଲି କହିଥିବାରୁ ସନ୍ଦେହ କରି ଏହାର ସତ୍ୟାସତ୍ୟ ତଦନ୍ତ କରିବାକୁ ଜିଲାପାଳଙ୍କ ନିକଟରେ ଆଗରୁ ବାରମ୍ବାର ଅଭିଯୋଗ କରିଥିଲେ । ତେବେ କେହି ଶୁଣୁ ନ ଥିବାରୁ ଏଭଳି ପଦକ୍ଷେପ ନେଇଥିବା ବେଳେ ଆଗାମୀ ଦିନରେ ଚାଷୀ ମାନେ ଜୋରଦାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଝାଡ଼ାବାନ୍ତିରେ ୯ ଛାତ୍ରୀ ଅସୁସ୍ଥ



କୁସୁମିତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ।

କେନ୍ଦୁଝର, ୨୭।୨ (ସ୍ୱ.ପ୍ର./ଡି.ଏନ.ଏ.)

ସଦର ବ୍ଲକ ତଳକୁସୁମିତା ଗ୍ରାମରେ ଅନୁସୂଚିତ ଜାତି/ଜନଜାତି ବିଭାଗ ଅଧୀନରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁସୁମିତାରେ ଝାଡାବାନ୍ତିରେ ୯ ଛାତ୍ରୀ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି । ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ତନ୍ମଧ୍ୟରୁ ୨ ଜଣ ଚିକିତ୍ସିତ ହୋଇ ଫେରିଥିବା ବେଳେ ଅନ୍ୟ ୭ ଜଣ ବିଭିନ୍ନ ବିଭାଗରେ ଚିକିତ୍ସିତ ହେଉଥିବା ଜଣାପଡିଛି । ତାଙ୍କ ମଧ୍ୟରୁ ଜଣେ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ଓ ବାସି ଖାଦ୍ୟ ଖାଇ ଏଭଳି ଅସୁସ୍ଥ ହୋଇପଡିଥିବା ଅଭିଯୋଗ ହେଉଥିବା ବେଳେ ଏହାର ଠିକ ଯାଞ୍ଚ କରାଗଲେ ପ୍ରକୃତ କାରଣ ଜଣାପଡିବ ବୋଲି ମତ ପ୍ରକାଶ ପାଉଛି। ଉପଯୁକ୍ତ ଓ ନିୟମିତ ତଦାରଖର ଅଭାବ ଓ ଖାମଖିଆଲି ମନୋଭାବ ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶରେ ବିଦ୍ୟାଳୟ ଗୁଡିକ ଚାଲୁଥିବା ଅଭିଯୋଗ ହେଉଛି। ଏଣୁ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି । ଗୁରୁବାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଡାକ୍ତରୀ ଟିମ ବିଦ୍ୟାଳୟକୁ ଯାଇ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ସଦର ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପଙ୍କଜିନୀ ସାହୁଙ୍କ ସହ ଯୋଗାଯୋଗ କରିବାରୁ ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା ପ୍ରକାଶ କରିଛନ୍ତି। ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ଜେନାଙ୍କ ସହ ଯୋଗାଯୋଗ କରିବାରୁ ଝାଡାବାନ୍ତିରେ ଆକ୍ରାନ୍ତ ପିଲାମାନଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଝାଡାବାନ୍ତି କିପରି ଅନ୍ୟ ଅନ୍ତେବାସୀଙ୍କୁ ନ ବ୍ୟାପିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି।

# ମେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ପରିବହନକାରୀଙ୍କ ବିକ୍ଷୋଭ

ବଡ଼ବିଲ, ୨୭।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ କାଶିଆସ୍ଥିତ ମେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିଭିନ୍ନ ପରିବହନକାରୀ ସଂସ୍ଥା ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କମ୍ପାନୀ ଲୁହାପଥର ପରିବହନ କରୁଥିଲେ ହେଁ ସେମାନଙ୍କର ୧୫କୋଟି ବକେୟା ଦେଇ ନ ଥିବା ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି। ଭଦ୍ରାସାହି, ସେରେଣ୍ଡା ପଞ୍ଚାୟତ ଅଞ୍ଚଳର ମନ୍ମଥ ରିସୋର୍ସ ପ୍ରା. ଲିଃ, ଏସ୍‌ଏନ୍ ଟ୍ରାନ୍ସପୋର୍ଟ ହରେଶର ଲୋଡିଂ ଆଣ୍ଡ ଟ୍ରାନ୍ସପୋର୍ଟ, ତ୍ରିଶକ୍ତି ଟ୍ରାନ୍ସପୋର୍ଟ, ଏଏମ୍ ସିଡି ଟ୍ରାନ୍ସପୋର୍ଟ, ଜ୍ୟୋତିର୍ମୟୀ ଟ୍ରାନ୍ସପୋର୍ଟ, ସାଇନାଥ ଟ୍ରାନ୍ସପୋର୍ଟ, ଦୁର୍ଗା



କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଟ୍ରାନ୍ସପୋର୍ଟ, ଏବି କମର୍ସିଆଲ ଏବଂ ଏମ୍ ଆଣ୍ଡ ବି ମିନେରାଲ୍ସ ଆଦି ପରିବହନକାରୀ ସଂସ୍ଥାର ପ୍ରାୟ ୧୫ କୋଟିରୁ ଊର୍ଦ୍ଧ୍ୱ ବକେୟା ଟଙ୍କା କମ୍ପାନୀ ଦେଉ ନ ଥିବାରୁ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେବେ ଆଗାମୀ ଦିନରେ ଏହା ତୀବ୍ର ରୂପ ନେବ ବୋଲି ବିକ୍ଷୋଭକାରୀମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**କର୍ଣ୍ଣିପାଳ ପଞ୍ଚାୟତରେ କିଡ୍‌ନୀ ରୋଗ ସମସ୍ୟା**

### ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

ଆନନ୍ଦପୁର, ୨୭।୨ (ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ କର୍ଣ୍ଣିପାଳ ପଞ୍ଚାୟତର ବିରିଡିହା, କର୍ଣ୍ଣିପାଳ, ବାରୁଆଁ ଆଦି ଗ୍ରାମରେ କିଡ୍‌ନୀଜନିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଘଟଣା ଦୈନିକ ଧରିତ୍ରୀରେ ଗତ ୨୪।୨।୨୦ରେ ଖବର ପ୍ରକାଶ ପାଇବା ପରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୨୦୩୮/ଇନ୍/୨୦୨୦ ରେ ଅଭିଯୋଗ ଡାଏରୀ ହୋଇଛି। ଘଟଣା ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଇ ରୋଗକୁ ନିୟନ୍ତ୍ରଣ କରିବା ସହିତ କିଡ୍‌ନୀଜନିତ ରୋଗରେ ମୃତକମାନଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଅଭିଯୋଗରେ ଦର୍ଶାଯାଇଛି।

### ବର୍ଷା ଛାଡ଼ିବା ପରେ ଶୀତର ଲହରୀ

କୋଲିମାଟି,୨୭।୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କୋଲିମାଟି ଅଞ୍ଚଳରେ ଶୀତର ଲହରି ଦେଖିବାକୁ ମିଳିଛି । ଅଧିକ ମାତ୍ରାରେ ଶୀତ ହେଉଥିବାରୁ ସାଧାରଣ ଲୋକେ ସକାଳ ୮ଟା ଯାଏ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି । ୨ ଦିନ ଧରି ପ୍ରବଳ ମାତ୍ରାରେ ବର୍ଷା ହୋଇଥିବାରୁ ବିଲ, ଖାଲ, ନାଳଗୁଡ଼ିକରେ ପାଣି ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି । ଏହି ବର୍ଷା ଲାଗି ରାତିରେ ଶୀତ ଅଧିକ ବଢ଼ିଯାଇଛି। ଗରିବ ଲୋକମାନେ ଶୀତରୁ ରକ୍ଷା ପାଇବା ଲାଗି ନିଜ ଘର ପାଖରେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି ।



ଶୀତ ପାଇଁ ଲୋକେ ନିଆଁ ପୋଉଁଛନ୍ତି।

# ନୂତନ ଖଣି ଲିଜ୍‌ଧାରୀଙ୍କୁ ନେଇ ବୈଠକ




ଯୁଗ୍ମ ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ।

ଯୋଡ଼ା, ୨୭।୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଖଣି ମଣ୍ଡଳର ବିଭିନ୍ନ ଖଣିକୁ ନିଲାମ ପ୍ରକ୍ରିୟାରେ ହାତେଇଥିବା ନୂତନ ଲିଜ୍‌ଧାରୀମାନଙ୍କ ସହ ଯୋଡ଼ା ଯୁଗ୍ମ ଖଣି ନିର୍ଦ୍ଦେଶକଙ୍କ ଏକ ବୈଠକ ଗୁରୁବାର ପୂର୍ବାହ୍ନରେ ଯୁଗ୍ମ ଖଣି ନିର୍ଦ୍ଦେଶାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଯୋଡ଼ା ଯୁଗ୍ମ ଖଣି ନିର୍ଦ୍ଦେଶକ ସଲିଲ କୁମାର ବେହେରା ଯୋଡ଼ା ଖଣି ମଣ୍ଡଳରେ ନୂତନ ୮ଟି ଖଣି ଲିଜ୍‌ଧାରୀଙ୍କ ପ୍ରତିନିଧିଙ୍କ ସହ ଆସନ୍ତା ଏପ୍ରିଲ ୧ରେ ଖଣି କାର୍ଯ୍ୟ ଆରମ୍ଭ ନେଇ ବିଭିନ୍ନ ବୈଧାନିକ ଅନୁମୋଦନ, ଲେଟର ଅଫ୍ ଇଣ୍ଟେଣ୍ଟ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମ୍ବନ୍ଧରେ ଆଲୋଚନା କରିଥିଲେ। ମାତ୍ର ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କ ପୁନଃ ନିଯୁକ୍ତି ଏବଂ ଥଇଥାନ ନେଇ ଏହି ବୈଠକରେ କୌଣସି ଆଲୋଚନା କରାଯାଇ ନ ଥିଲା। ଏହି ବୈଠକରେ ଜେଏସ୍‌ଡବ୍ଲ୍ୟୁ, ଆର୍ସେଲର ମିତ୍ତଲ, ଅଗ୍ରସନ ସ୍ପଞ୍ଜ୍, ଜଗତ୍‌ଜନନୀ, ଶ୍ୟାମ୍ ଓରସ୍, ନର୍ଭେରାମ୍ ପାୱାର ଆଣ୍ଡ ସ୍ପଞ୍ଜ ଲିମିଟେଡ୍, କାଶ୍ଭି ଇଣ୍ଟରନ୍ୟାଶନାଲ ଓ ଦେବବ୍ରତ ବେହେରା ପ୍ରମୁଖ ନୂତନ ଖଣି ଲିଜ୍‌ଧାରୀଙ୍କ ପ୍ରତିନିଧି ଓ ଅନ୍ୟ ଖଣି ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନୂତନ ଭାବେ ଲିଜ୍ ପାଇଥିବା ଲିଜ୍‌ଧାରୀମାନଙ୍କୁ ଲେଟର ଅଫ୍ ଇଣ୍ଟେଣ୍ଟ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବା ପରେ ସେମାନେ ସରକାରୀ ବୈଧାନିକ ସର୍ତ୍ତକୁ ପୂରଣ କରି ଖଣି ଚଳାଇବେ । କିଛି ବୈଧାନିକ ସର୍ତ୍ତ ୨ ବର୍ଷ ମଧ୍ୟରେ ନୂତନ ଲିଜ୍‌ଧାରୀଙ୍କୁ ମିଳିବ । ତେଣେ ନିଲାମରୁ ଓହରି ଯାଇଥିବା ପୁରୁଣା ଖଣି ଲିଜ୍‌ଧାରୀମାନେ ସେମାନଙ୍କର ଗଚ୍ଛିତ ଲୁହାପଥରକୁ ୬ ମାସ ମଧ୍ୟରେ ଖଣିରୁ ଖଲାସ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

# ହୋଲ୍‌ଡିଂ ଟ୍ୟାକ୍ସକୁ ନେଇ ବସିଲା ବୈଠକ



ବୈଠକରେ ଉପସ୍ଥିତ ଉପଜିଲାପାଳଙ୍କ ସହ ଅନ୍ୟ କର୍ମକର୍ତ୍ତା।

ଚମ୍ପୁଆ, ୨୭।୨(ଡି.ଏନ.ଏ)

ହୋଲ୍‌ଡିଂ ଟ୍ୟାକ୍ସକୁ ନେଇ ଲାଗି ରହିଥିବା ବିବାଦର ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା ପାଇଁ ଗୁରୁବାର ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିକାଶ ପରିଷଦର ସତ୍ୟବାନ କର, ସାନ୍ତନୁ ଦାସ, ଏନଏସି ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ, ଭାଇସଚେୟାରମ୍ୟାନ ମାନସ ରଞ୍ଜନ ପଶାୟତ ଓ କାଉନସିଲରମାନେ ଯୋଗ ଦେଇଥିଲେ। ପାଟ୍ଟଯୋଶୀ ହୋଲ୍‌ଡିଂ ଟ୍ୟାକ୍ସ ଲାଗୁ କରିବା ଓ ଏହା ସରକାରଙ୍କ ନିୟମ ଭିତରେ ରହିଥିବା ଅବଗତ କରାଇଥିବା ବେଳେ ପୂର୍ବରୁ ଏ ନେଇ ବିଧିବଦ୍ଧ ଭାବେ କାର୍ଯ୍ୟ କରାଯାଇଛି ବୋଲି ସୂଚନା ଦେଇଥିଲେ। ମାତ୍ର ଏହି ନୂତନ ଏନଏସିରେ ଜନସାଧାରଣଙ୍କ ଆର୍ଥିକସ୍ଥିତି ସୁଦୃଢ଼ ନ ଥିବା ଏବଂ ଏ ସମ୍ବନ୍ଧରେ ବହୁ କାଉନସିଲର ଅବଗତ ନ ଥିବା କହିଥିଲେ। ଯେହେତୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହା ଧାର୍ଯ୍ୟ କରାଯାଇଛି ଏହାର ପ୍ରତିଶତ କମାଇବା ପାଇଁ ଡାଇରେକ୍ଟର ଅଫ୍ ମ୍ୟୁନିସିପାଲିଟି ଗ୍ରିଭାନ୍ସରେ ଅଭିଯୋଗ କରାଗଲେ ସରକାର ସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କାଉନସିଲରମାନେ ଧାରା ୧୩୧ ଅନୁଯାୟୀ ଅଭିଯୋଗ କରି ପାରିବେ ବୋଲି ସୂଚନା ଦିଆଯାଇଥିଲା। ଆସନ୍ତା ୨୯ ତାରିଖ କାଉନସିଲରମାନଙ୍କ ଏକ ବୈଠକ ବସାଯାଇ ସେଠାରେ ପ୍ରସ୍ତାବ ଗୃହୀତ ହେବା ପରେ କାଉନସିଲରଙ୍କ ଏକ ଦଳ ଏ ନେଇ ବିଭାଗୀୟ ରାଜ୍ୟ ଅଧିକାରୀଙ୍କ ସହ ଦେଖା କରିବେ ବୋଲି ଜଣାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅସହାୟ ପୀତାମ୍ବରଙ୍କୁ ସହାୟତା



ଉପଜିଲାପାଳଙ୍କ ତରଫରୁ ପୀତାମ୍ବରଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଚମ୍ପୁଆ, ୨୭।୨(ଡି.ଏନ.ଏ)

ଅସହାୟ ପିତାମ୍ବର ମହାନ୍ତଙ୍କୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରତାପ ପ୍ରିତିମୟ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଏହି ଭିନ୍ନକ୍ଷମ ଅସହାୟ ମଣିଷକୁ ଖବରଦାତା ଡମ୍ବରୁଧର ମହାନ୍ତ, ମନୋଜ ମହାନ୍ତ, ଉପଜିଲାପାଳ କାର୍ଯ୍ୟାଳୟଠାରେ ପହଞ୍ଚାଇବା ପରେ ତାଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଖବର ଅନୁସାରେ ପଦୁଆ ପଞ୍ଚାୟତର ଟାଙ୍ଗରନାଳି ଗ୍ରାମର ପିତାମ୍ବର ମହାନ୍ତଙ୍କର ୧୫ ବର୍ଷ ତଳୁ ଗୋଡରେ ଏକ ଘା ହୋଇଥିଲା। ବିଭିନ୍ନ ଆଡେ ଏହା ଦେଖାଇଥିଲେ ମଧ୍ୟ ତାହା ଭଲ ହୋଇ ନ ଥିଲା। ପରେ ଗାଁରେ ଏହାକୁ ଏକ କୁଷ୍ଠ ରୋଗ ବୋଲି କହି ଗ୍ରାମବାସୀମାନେ ପିତାମ୍ବରଙ୍କୁ ଟାହି ଟାପରା କରିବା ସହିତ ଏକ ପ୍ରକାର ବାସନ୍ଦ କରି ଦେଇଥିଲେ। ଦୀର୍ଘ ବର୍ଷ ଧରି ବାସନ୍ଦ ଥିବା ପିତାମ୍ବର ଶେଷରେ ଏ ସମସ୍ୟା ନେଇ ମାନବ ଅଧିକାରଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଡାକ୍ତର ଏହାକୁ କୁଷ୍ଠ ରୋଗ ନୁହେଁ ବୋଲି ପ୍ରକାଶ କରିଥିବା ବେଳେ ବର୍ତ୍ତମାନ ସେ ଭଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସରକାରଙ୍କ ତରଫରୁ ୧୦ ହଜାର ଟଙ୍କାର ଚେକ ଉପଜିଲାପାଳ ପ୍ରଦାନ କରିବା ସହିତ ତାଙ୍କୁ କୁଷ୍ଠ ରୋଗ ହୋଇ ନଥିବା ଏବଂ ଗ୍ରାମବାସୀ ଯେପରି ତାଙ୍କୁ ହଇରାଣ ହରକତ ନ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ଟ୍ରକ୍ ଧକ୍କାରେ ବାଛୁରୀ ମୃତ

ତେଲକୋଇ, ୨୭।୨(ଡି.ଏନ.ଏ.)– ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ଜାତୀୟ ରାଜପଥ ଛକରେ ଟ୍ରକ ଧକ୍କାରେ ଏକ ଛୋଟ ବାଛୁରୀର ମୃତ୍ୟୁ ହୋଇଛି। ବାଛୁରୀ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ହେବା ଫଳରେ ଗୋରୁ ମାଲିକ ରତ୍ନାକର ପ୍ରଧାନ ସେଠାରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଧିକାରୀ ପହଞ୍ଚି ବାଛୁରୀ ମୃତଦେହ ବ୍ୟବଚ୍ଛେଦ କରିଥିଲେ।

# ଟେଣ୍ଡର ସରିଥିଲେ ବି କାମ ଆରମ୍ଭ ହୋଇନି

**ଆବର୍ଜନା ପରିଚାଳନା ପାଇଁ ସ୍ଥାନ ନିରୂପଣ ସମସ୍ୟା**

କେନ୍ଦୁଝର,୨୭।୨(ସ୍ୱ.ପ୍ର.)

କେନ୍ଦୁଝର ସହରରେ ମଇଳା ଆବର୍ଜନା ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇଛି। ଏହି ଆବର୍ଜନା ପରିଚାଳନା ପାଇଁ ଟଙ୍କା ଅଛି ଏବଂ ଟେଣ୍ଡର ସରିଛି କିନ୍ତୁ ଠିକ୍ ଓ ନିର୍ବିବାଦୀୟ ସ୍ଥାନ ନିରୂପଣ ହୋଇପାରୁ ନ ଥିବାରୁ କାମ ଆରମ୍ଭ ହୋଇପାରୁନାହିଁ। ଫଳରେ ସବୁଠି ଅସନ୍ତୋଷ ଲାଗିରହିବା ସହ ଏଣେତେଣେ ମଇଳା ଆବର୍ଜନା ପକାଯାଉଥିବାରୁ ସହରର ସୌନ୍ଦର୍ଯ୍ୟହାନି ହେବା ସହ ପରିବେଶ ଦୂଷିତ ହେଉଛି ।

ପ୍ରକାଶ ଯେ, କେନ୍ଦୁଝର ସହରରେ ମଇଳା ଆବର୍ଜନା ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବାରୁ ଦୀର୍ଘବର୍ଷ ହେଲା ଏହି କାମ ପାଇଁ ଆସିଥିବା ଟଙ୍କା ପଡ଼ିରହିଛି । ରାଜସ୍ୱ ଓ ପୌରପାଳିକା ମଧ୍ୟରେ ସମନ୍ୱୟର ଅଭାବ ଏବଂ ପ୍ରଶାସନ ଲୋକଙ୍କ ଆସ୍ଥାଭାଜନ ହୋଇପାରୁ ନ ଥିବାରୁ ସବୁଠି ବିବାଦ ମୁଣ୍ଡ ଟେକୁଛି । ଏଣୁ ଲୋକଙ୍କ ସହ ଆଲୋଚନା କରି ଜାଗା ନିରୂପଣ କରା ନ ଯାଇ ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିବାରୁ କାମ ନେଇଥିବା ଠିକାଦାର କାମ କରି ନ ପାରି ଚିନ୍ତାରେ ରହିଛନ୍ତି । ସହର ମଧ୍ୟରେ ଜନବସତି ସ୍ଥାନରେ ଏହି ମଇଳା ଆବର୍ଜନା ପ୍ରକଳ୍ପ ନିର୍ମାଣ କରିବାକୁ ଉଦ୍ୟମ କରାଯାଉଥିବାରୁ ବିବାଦ ମୁଣ୍ଡ ଟେକୁଛି ବୋଲି ସହରନିବାସୀ ପ୍ରକାଶ ସୂତ୍ରଧର କହିଛନ୍ତି । ପ୍ରକାଶ ଯେ, କେନ୍ଦୁଝର ସହରର ୪ଟି ସ୍ଥାନରେ ଏଭଳି ପ୍ରକଳ୍ପ ନିର୍ମାଣ କରିବାକୁ ପ୍ରସ୍ତୁତି ହୋଇଛି । ଏ ନେଇ ଟେଣ୍ଡର ମଧ୍ୟ ସରିଛି । କିନ୍ତୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ କାମ ଆରମ୍ଭ ହୋଇପାରୁ ନ ଥିବାରୁ ପୌରପାଳିକା କର୍ତ୍ତୃପକ୍ଷ ଚିନ୍ତାରେ ରହିଛନ୍ତି । ପୋଲିସ ଉପସ୍ଥିତିରେ କୃଷକ ବଜାର ନିକଟରେ ନିର୍ମାଣ କାମ ଆରମ୍ଭ ହେବା ବେଳକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଫଳରେ କାମ ଆରମ୍ଭ କରି ନ ପାରି ଫେରିବାକୁ ପଡ଼ିଥିଲା । ସହର ବାହାରେ ଏକାନ୍ତ ସ୍ଥାନରେ ଜମି ନ ନେଇ ପୌର ପ୍ରଶାସନ କିପରି ସାହି ମଧ୍ୟରେ ଖୋଲା ଥିବା ବା ଅନ୍ୟ ପ୍ରକଳ୍ପ ପାଇଁ ରଖାଯାଇଥିବା ଜମିରେ ଏହି ପ୍ରକଳ୍ପ କରିବାକୁ ଉଦ୍ୟମ କରୁଛନ୍ତି ସେନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନାଙ୍କୁ ପଚାରିବାରୁ ଲୋକଙ୍କ ବିରୋଧ ଯୋଗୁ ନିର୍ମାଣରେ ବିଳମ୍ବ ଘଟୁଛି। ଏ ନେଇ ଆଇନଗତ ପଦକ୍ଷେପ ନେବାକୁ ବାଧହେବୁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଯିଏ ବିରୋଧ କରିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ପୋଲିସ ଉପସ୍ଥିତିରେ କାମ ଆରମ୍ଭ ହେବ।

## ସଂକ୍ଷେପରେ

### ଛେଳି ଚୋରଙ୍କୁ ମାଡ଼, ଭିଡିଓ ଭାଇରାଲ୍

ବାରିପଦା ଅଫିସ,୨୭।୨- ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକର ଫୁଲଝରା ଗ୍ରାମରେ ଦୁଇ ଜଣ ଛେଳି ଚୋରି କରି ନେଉଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରିଛନ୍ତି। ଏହି ମାଡ଼ର ଭିଡ଼ିଓ ଏବେ ଭାଇରାଲ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ଦୁଇ ଜଣ ଜମ୍ବୀରା ଡ୍ୟାମ ବୁଲିବାକୁ ଯାଇଥିଲେ। ଏହି ସମୟରେ ଫୁଲଝରା ଗ୍ରାମର ରାମଦାସ ମୁର୍ମୁଙ୍କ ୨ଟି ଛେଳିକୁ ସେମାନେ ବାଇକ୍‌ରେ ନେଇ ପଳାଇ ଯାଉଥିଲେ। ସ୍ଥାନୀୟ ଲୋକ ତାଙ୍କ ପିଛା କରି ସେମାନଙ୍କୁ ଦରଦିଆଶୋଳ ଛକ ନିକଟରେ ଅଟକାଇ ପ୍ରବଳ ପିଟିଥିଲେ। ପରେ ପୋଲିସ ସେଠାରୁ ଦୁଇ ଜଣ ଯୁବକଙ୍କୁ ଉଦ୍ଧାର କରିଥିଲା। ସିଡୁ ରଣା (୩୨)ଙ୍କୁ ଚାନ୍ଦୁଆ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ସହଯୋଗୀ ଜଣେ ନାବାଳକଙ୍କୁ ଅଟକ ରଖିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬।୨୦)ରୁଜୁ ହୋଇଛି।

### ମହିଳା ସମିତିର ସ୍ୱାସ୍ଥ୍ୟ ଶିବିର

ବାରିପଦା ଅଫିସ,୨୭।୨- କଲ୍ୟାଣୀ ମହିଳା ସମିତି ପକ୍ଷରୁ ଭାଗବତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ରମେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ରକ୍ତ ପରୀକ୍ଷା କରି ଗ୍ରୁପିଂ କରିଥିଲେ। ସମ୍ପାଦିକା କଳ୍ପନା ଷଡ଼ଙ୍ଗୀ, ଅର୍ଚ୍ଚନା ମହାପାତ୍ର, ପ୍ରତିଭା ମିଶ୍ର, ନଳିନୀ ପାଣିଗ୍ରାହୀ, ସିପ୍ରା ମହାନ୍ତି, ପୁଷ୍ପାଞ୍ଜଳି ମହାପାତ୍ର, ଶାନ୍ତିଲତା ଆଚାର୍ଯ୍ୟଙ୍କ ସମେତ ସମିତିର ଅନ୍ୟ ସଦସ୍ୟା ସଦସ୍ୟ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

### ଆଦିବାସୀ ନେତାଙ୍କ ପରଲୋକ

ଖୁଣ୍ଟା,୨୭।୨(ଡି.ଏନ୍.ଏ.)- ବରିଷ୍ଠ ଆଦିବାସୀ ନେତା ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର କର୍ମକର୍ତ୍ତା ଚମ୍ପାଇ ମାର୍ଣ୍ଡି(୮୦)ଙ୍କ ଖୁଣ୍ଟା ବ୍ଲକ ଅଧୀନ ଅଣ୍ଡିଆ ଟିକିରା ଗ୍ରାମସ୍ଥିତ ବାସଭବନରେ ବୁଧବାର ପରଲୋକ ଘଟିଛି। ଜଣେ ଆଦିବାସୀ ନେତା ଭାବେ ସେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖୁଣ୍ଟା ବ୍ଲକ ସଂଗଠନ ଦଳୀୟ ସଭାପତି ସୁନୀଲ କୁମାର ଟୁଡୁ, ଗୋପବନ୍ଧୁ ନଗର ବ୍ଲକ ଦଳୀୟ ସମ୍ପାଦକ ବୁଦ୍ଧିଆ ହେମ୍ବ୍ରମ୍‌ଙ୍କ ସମେତ ବହୁ କର୍ମୀ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ମାର୍ଣ୍ଡିଙ୍କ ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂଆ ୧୦୮ ଆମ୍ବୁଲାନ୍ସ

କୁଆମରା,୨୭।୨(ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର ନୂତନ ୧୦୮ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ ହୋଇଯାଇଛି। ମେଡିକାଲ ଅଫିସର ଡା. ପରମଜିତ ମହାନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିଏମ ଅନୁଭବ ପଟ୍ଟନାୟକ, ୧୦୮ ଆମ୍ବୁଲାନ୍ସ ସର୍ଭିସର କ୍ଲଷ୍ଟର କୋଅର୍ଡିନେଟର ସାୟନ ବୋଷ ଏବଂ ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବରୁ ଥିବା ଆମ୍ବୁଲାନ୍ସଟି ଗତ ଜାନୁୟାରୀରେ ଅଚଳ ହୋଇ ପଡିବାରୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି।

# ଶିକ୍ଷାରୁ ବଞ୍ଚିତ ୩ ଆଦିବାସୀ ଛାତ୍ରୀ

ବଡ଼ସାହି,୨୭।୨(ସ୍ୱ.ପ୍ର.)

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ବାର୍ତ୍ତା ଦେଇ ସରକାର ଶିକ୍ଷା କ୍ଷେତ୍ରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଥିବା ବେଳେ ଜାତି ପ୍ରମାଣପତ୍ର କିମ୍ବା ଜମିପଟ୍ଟା ଦେଇ ନ ପାରିବାରୁ ପାଠପଢ଼ାରୁ ବଞ୍ଚିତ ହୋଇ ୩ ଆଦିବାସୀ ଛାତ୍ରୀ ବର୍ଷେ ହେଲା ମୂଲ ମଜୁରି କରୁଛନ୍ତି। ପଢ଼ିବାକୁ ସେମାନଙ୍କର ଆଗ୍ରହ ଥିବା ବେଳେ ସରକାରୀ ନିୟମକୁ ଅଭିଭାବକମାନେ ଠିକ୍ ଭାବେ ବୁଝି ନ ପାରିବାରୁ ଉକ୍ତ ୩ ଛାତ୍ରୀ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଡ଼ସାହି ବ୍ଲକ ମୁଖ୍ୟାଳୟରେ।

ବଡ଼ସାହି ମଇ ସ୍କୁଲରେ ଏହି ୩ ଛାତ୍ରୀ ଅଷ୍ଟମ ପାସ୍ କରିବା ପରେ ଚଳିତ ଶିକ୍ଷାବର୍ଷରେ ନବମ ଶ୍ରେଣୀରେ ନାମ ଲେଖାଇବା ପାଇଁ ପରିବାର ଲୋକେ ବଡ଼ସାହି ହାଇସ୍କୁଲକୁ ଯାଇଥିଲେ। ସରକାରଙ୍କ ନିୟମ ଅନୁଯାୟୀ, ଆବଶ୍ୟକ ପ୍ରମାଣପତ୍ର ସହିତ ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ ସ୍କୁଲ କର୍ତ୍ତୃପକ୍ଷ କହିଥିଲେ। ମାତ୍ର ଅଭିଭାବକମାନେ ଜାତି ପ୍ରମାଣପତ୍ର ଦେବାକୁ ଅସମର୍ଥ ହୋଇଥିଲେ। ଫଳରେ ସ୍କୁଲ କର୍ତ୍ତୃପକ୍ଷ ଜମିପଟ୍ଟା ଦେବାକୁ କହିଥିଲେ। ଜମିପଟ୍ଟା ନ ଥିବାରୁ ବଡ଼ସାହି ପଞ୍ଚାୟତ ୭ନଂ ୱାର୍ଡର ଛାତ୍ରୀ ସୁନି ସୋରେନ, ବବି ସିଂ ଓ ଲାଖିଆ ସୋରେନ ଏକ ବର୍ଷ ହେବ ମାଧ୍ୟମିକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ସୁନିଙ୍କ ମାତା ସାଲଗେ ସୋରେନ କୁହନ୍ତି, ନାମଲେଖା ପାଇଁ ସ୍କୁଲକୁ ଯାଇଥିଲି। ପ୍ରଧାନ ଶିକ୍ଷକ ଆବଶ୍ୟକ କାଗଜପତ୍ର ସହିତ ଜାତି ସାର୍ଟିଫିକେଟ ମାଗିଥିଲେ। ଆମ ପାଖରେ ଜାତି ପ୍ରମାଣପତ୍ର ନ ଥିବାରୁ ଜମିପଟ୍ଟା ମାଗିଥିଲେ। ଭୂମିହୀନ ଯୋଗୁ ଜମିପଟ୍ଟା ଦେଇ ନ ପାରିବାରୁ ଝିଅର ଆଡ୍‌ମିଶନ କରିପାରିଲି ନାହିଁ। ସେହିପରି ବବିଙ୍କ ମାଆ ରୁନୁ ସିଂ କୁହନ୍ତି, ଜମିପଟ୍ଟା ଖଣ୍ଡିକ ନ ଥିବାରୁ ମୋ ଝିଅର ପାଠପଢାରେ ଡୋରି ବନ୍ଧା ହେଲା। ତାକୁ ପାଠ ପଢ଼ାଇବାକୁ ଚାହୁଁଥିବା ବେଳେ ସରକାରଙ୍କ ନିୟମ ପାଇଁ ପଢ଼ାଇ ପାରିଲୁ ନାହିଁ। ଛାତ୍ରୀ ଲାଖିଆ କୁହନ୍ତି, ମୁଁ ପଢ଼ିବାକୁ ଚାହୁଁଛି। ମାତ୍ର ଜାତି ପ୍ରମାଣପତ୍ର ପାଇଁ ପାଠପଢ଼ାରେ ଡୋରି ବନ୍ଧା ହୋଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ମୁଁ ପୁଣି ପଢିପାରିବି ବୋଲି କହିଛନ୍ତି। ତେବେ ଜାତି ପ୍ରମାଣପତ୍ର ପ୍ରଦାନ କଲେ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ସହଯୋଗ ମିଳିଥାଏ। ଏପରି ସ୍ଥଳେ ଛାତ୍ରୀମାନଙ୍କ ପାଠପଢ଼ାରେ ବନ୍ଧା ପଡ଼ିଥିବା ବସ୍ତାନିକୁ ନେଇ ଦାୟୀ କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ହରିହର ବେହେରା କୁହନ୍ତି, ଜମିପଟ୍ଟା ନ ଥିଲେ ମଧ୍ୟ ଆଡ୍‌ମିଶନ ହୋଇପାରିବ। ତେବେ ମୁଁ ଅଳ୍ପଦିନ ହେବ ଦାୟିତ୍ୱରେ ରହିଛି। ପୂର୍ବରୁ କ'ଣ ହୋଇଛି ଜାଣେ ନାହିଁ। ତେବେ ଶିକ୍ଷାରୁ ବଞ୍ଚିତ ଛାତ୍ରୀମାନଙ୍କୁ ଚଳିତ ବର୍ଷ ଆଡ୍‌ମିଶନ କରାଯିବ ବୋଲି କହିଛନ୍ତି।

## ଏକ ଭାରତ ଶ୍ରେଷ୍ଠ ଭାରତ କ୍ଲବ ଗଠିତ



ଏମ୍‌କେସି ହାଇସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କ ଗହଣରେ ଛାତ୍ରୀଛାତ୍ର।

ବାରିପଦା ଅଫିସ/କପ୍ତିପଦା,୨୭।୨(ଡି.ଏନ୍.ଏ.)

ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ 'ଏକ ଭାରତ ଶ୍ରେଷ୍ଠ ଭାରତ କ୍ଲବ' ଗଠିତ ହୋଇଯାଇଛି। ଜାତୀୟ ସଂହତି ଓ ଭ୍ରାତୃଭାବକୁ ଆଗେଇନେବା ଉଦ୍ଦେଶ୍ୟରେ ଗଠିତ ଏହି କ୍ଲବ ବିଦ୍ୟାଳୟର ଯୁବ ଓ ଇକୋ କ୍ଲବ ସହଭାଗିତାରେ କାର୍ଯ୍ୟ କରିବ। ପ୍ରଧାନ ଶିକ୍ଷୟିତ୍ରୀ ଡ. ପ୍ରଜ୍ଞା ପାରମିତା ଜେନାଙ୍କ ମାର୍ଗଦର୍ଶନରେ ଏହି କ୍ଲବ ଗଠନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଯୁବ ଓ ଇକୋ କ୍ଲବର ଶିକ୍ଷକ ଅମିତାଭ ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଶିକ୍ଷକ ଡ. ମମିଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କପ୍ତିପଦା ମହାବିଦ୍ୟାଳୟରେ 'ଏକ ଭାରତ ଶ୍ରେଷ୍ଠ ଭାରତ କ୍ଲବ୍' ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଜ୍ଞାପନ କରିଥିଲେ ସଂଯୋଜକ ଅଧ୍ୟାପକ ମାନସ ରଞ୍ଜନ ପୁହାଣ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁରଞ୍ଜନ ଶତପଥୀ, ପ୍ରଣବ କିଶୋର ପାଢ଼ୀ, ସରୋଜ କୁମାର ଲେଙ୍କା, ଦୁଷ୍ମନ୍ତ କୁମାର ସାହୁ, ବ୍ରଜେନ୍ଦ୍ର ଖଣ୍ଡା, ନିରୋଜ କୁମାର ଖୁଣ୍ଟିଆ ନିଜ ନିଜର ବକ୍ତବ୍ୟ ରଖି ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଏକତାରେ ହିଁ ଉନ୍ନତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଶପଥ ପାଠ କରିଥିଲେ।

# ନୃତ୍ୟରେ ଝୁମିଲେ ଗ୍ରାମବାସୀ

## ବାବଜଳାରେ ପାତା ପରବ

ବିଶୋଇ,୨୭।୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ଅଧୀନ ଭାତଛତ୍ର ପଞ୍ଚାୟତସ୍ଥିତ ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାବଜଳା ଗ୍ରାମରେ ୩ ଦିନିଆ ପାତା ପରବ ଅନୁଷ୍ଠିତ ହୋଇଯାଇଛି। ଖେରୱାଳ ସମ୍ପ୍ରଦାୟର ସାନ୍ତାଳି ରୀତିନୀତିରେ ଏହି ପାତା ପୂଜା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ୩ଗୋଟି ପାତା ଦଳ ଯଥା ରୂଷିକା ସେମଲେଦ ବାଙ୍କି ଜେଡେର ଘୁଟୁ, କାରଗାଲେ ବେଡା ଏବଂ ଜିଆଲ ଜୁମିଦ ରୂଷିକା ସମଲେଦ ବିଶୋଇ ଦଳ ପାତା ନାଚ ପ୍ରଦର୍ଶନ କରିଥିଲେ। ପ୍ରଥମ ଦିନର ପାତା ନାଚକୁ ଅଲ୍ ଇଣ୍ଡିଆ ରେଡିଓ ବାରିପଦାର ଉଦ୍‌ଘୋଷକ ଭାଦୁ ଚରଣ ହାଁସ୍‌ଦା ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନରେ ସାରସକଣା ବିଧାୟକ ଡା. ବୁଧନ ମୁର୍ମୁ ପାରମ୍ପରିକ ସାନ୍ତାଳି ବସ୍ତ୍ର ପରିଧାନ କରିଥିଲେ। ଏହି ପର୍ବର ଅନ୍ୟତମ ଆକର୍ଷଣ ହେଉଛି ଗାଁ ଦାଣ୍ଡ ସଫାସୁତରା କରି ମାଟିକାନ୍ଥରେ ଚିତ୍ର ଆଙ୍କିବା। ଏହାକୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥିଲା। ଗ୍ରାମର ଲୋକେ ସ୍ୱଚ୍ଛତା ନିମନ୍ତେ ଗାଁ ଦାଣ୍ଡରେ ଛେପ ପକାଉ ନ ଥିବା ବେଳେ ଡଷ୍ଟବିନ୍ କିଣି ସ୍ୱଚ୍ଛତାର ବାର୍ତ୍ତା ଦେଇଥାନ୍ତି ବୋଲି ବିଧାୟକ ମୁର୍ମୁ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଚୈତନ୍ୟ ହାଁସ୍‌ଦା ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ଘଟଆଡୁ ସହିତ ଧୁପାଟ ଡାହାର ନାଚରେ ଗାଁ ଆଖଡ଼ା ଦୁଲୁକିଥିଲା। ସଭାପତି ଚନ୍ଦନ ହାଁସ୍‌ଦା, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ହାଁସ୍‌ଦା, ଡ୍ରାମା ସମ୍ପାଦକ କୁଶାଲ ବାସ୍କେ, ସଦାନନ୍ଦ ଟୁଡୁ, ଅମର ସିଂ ହେମ୍ବ୍ରମ୍, ସୁନ୍ଦର ମୋହନ ବେଶ୍ରା, ମାଝି ବାବା, ଲକ୍ଷ୍ମଣ ହାଁସ୍‌ଦାଙ୍କ ସମେତ ଭଞ୍ଜିଇପିଲ ରାନାକା ସହଯୋଗ କରିଥିଲେ।


ଗ୍ରାମବାସୀ ନୃତ୍ୟ କରୁଛନ୍ତି।

## ସରିଲା ଛାତ୍ରୀ ଆତ୍ମସୁରକ୍ଷା ତାଲିମ

କପ୍ତିପଦା,୨୭।୨(ଡି.ଏନ୍.ଏ.)

କପ୍ତିପଦା ବ୍ଲକ୍‌ର ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ଏସଡିପିଓ ସବିତା ମାଝି ଯୋଗଦେଇ ଛାତ୍ରୀମାନଙ୍କୁ ସାମାଜିକ ସୁରକ୍ଷାର ରକ୍ଷାକବଚ ଭାବେ ଛିଡ଼ା ହେବା ପାଇଁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଶରତ ଥାନାର ଭାରପ୍ରାପ୍ତ ଅଧିକାରିଣୀ ରୀନା ବକ୍ସଲା ଯୋଗଦେଇଥିଲେ। ମହାବିଦ୍ୟାଳୟର ପ୍ରୋଗ୍ରାମ୍ ଅଫିସର ଅଧ୍ୟାପକ ଶୀତକଣ୍ଠ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ପ୍ରତାପ କୁମାର ଦାସ, ମନୋରଞ୍ଜନ ବିହାରୀ, ଅଶୋକ କୁମାର ସାହୁ, ଅଧ୍ୟାପିକା ପଙ୍କଜିନୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଯବାନଙ୍କ ଶେଷକୃତ୍ୟ

ରାଇରଙ୍ଗପୁର,୨୭।୨(ଡି.ଏନ୍.ଏ.)

ଜମ୍ମୁକଶ୍ମୀରସ୍ଥିତ ସେନା ହସ୍ପିଟାଲରେ ଗତ ରବିବାର ୪୯ ସୀମାସୁରକ୍ଷାବଳ (ବିଏସ୍‌ଏଫ୍)ର ଜଣେ ଯୁବାନ ଫାଗୁ ଟୁଡୁଙ୍କ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ମରଶରୀର ସେନାବାହିନୀର ସ୍ୱତନ୍ତ୍ର ଗାଡ଼ିରେ ବୁଧବାର ଜନ୍ମସ୍ଥାନ ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକ୍ ଅନ୍ତର୍ଗତ ଯୋଡ଼ାପୋଖରୀ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅଞ୍ଚଳବାସୀ ମରଶରୀରକୁ ହାଟବାଦଡ଼ାଠାରୁ ଶୋଭାଯାତ୍ରାରେ ଗ୍ରାମ ପର୍ଯ୍ୟନ୍ତ ନେଇଥିଲେ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷକୃତ୍ୟ ସମ୍ପନ୍ନ ବେଳେ ୪୯ ସୀମାସୁରକ୍ଷା ବଳର ସବ୍‌ଇନ୍ସପେକ୍ଟର ପଙ୍କଜ କୁମାରଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ମୃତ ଯବାନ ଫାଗୁଙ୍କ ବାପା ଶ୍ୟାମ ଟୁଡୁ, ମା' ଢୁମୁନି ଟୁଡୁଙ୍କ ସମେତ ବିଧବା ପତ୍ନୀ ପାନ ଟୁଡୁ, ପୁତ୍ର ଶ୍ୟାମ(୧) ଏବଂ କନ୍ୟା ଢୁମୁନି(୪) ଅଛନ୍ତି। ଉଲ୍ଲେଖଯୋଗ୍ୟଯେ, ଫାଗୁ ସୀମା ସୁରକ୍ଷାବଳର କନଷ୍ଟେବଳ ଭାବେ କାର୍ଯ୍ୟ କରୁଥିଲେ। ଗତ କିଛି ଦିନ ତଳେ ଜମ୍ମୁକଶ୍ମୀର ସୀମାରେ କାର୍ଯ୍ୟରତ ଥିବା ବେଳେ ଅସୁସ୍ଥ ହୋଇ ପଡ଼ିଥିଲେ। ସେନା ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଦ୍ୱାରଶୁଣୀ ଘାଟିରେ ଟ୍ରେଲର ଦୁର୍ଘଟଣାଗ୍ରସ୍ତ

ବାଙ୍ଗିରିପୋଷି,୨୭।୨(ଡି.ଏନ୍.ଏ.)

ବାଙ୍ଗିରିପୋଷି ଥାନା ଅଧୀନ ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ପୁଣି ଘଟିଛି ଦୁର୍ଘଟଣା। ଗୁରୁବାର ମଧ୍ୟାହ୍ନରେ ଏକ ଆଇରନ ଡଷ୍ଟ ବୋଝେଇ ଟ୍ରେଲର କଲିକତା ଯାଉଥିବା ବେଳେ ଭାରସାମ୍ୟ ହରାଇ ଘାଟି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟ୍ରେଲରଟି ରାସ୍ତା କଡ଼ରେ ଥିବା ପାହାଡ଼ରେ ଖୁବ ଜୋରରେ ବାଡେଇ ହେବାରୁ ଏହାର ଚାଳକ ଗୁରୁତର ଆହତ ହୋଇଥିଲେ। ଆହତ ଚାଳକ ହେଲେ ଝାଡଖଣ୍ଡ ରାଜ୍ୟ ରାମଗଡଘାଟ ଅଞ୍ଚଳର ଦିନେଶ ସୋନୀ। ଚିକିତ୍ସା ପାଇଁ ତାଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।


ଆହତ ଚାଳକଙ୍କୁ ଉଦ୍ଧାର କରାଯାଉଛି।

## ତାରା ସାଜିବେ ନୟନ ତାରା

ବଡ଼ସାହି,୨୭।୨(ସ୍ୱ.ପ୍ର)

ହୃଦଘାତରେ ମୃତ୍ୟୁବରଣ କରିଥିବା ଜଣେ ମହିଳାଙ୍କ ଦୁଇ ଆଖିକୁ ତାଙ୍କ ପରିବାର ଲୋକେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବଡ଼ସାହି ଥାନା ଅଧୀନ ଗୁଡିଆଲବନ୍ଧ ଗ୍ରାମର ମହିଳା ତାରା ବିନ୍ଧାଣୀ (୫୦)ଙ୍କ ଏହି ଆଖି ଦୁଇଟି ଅନ୍ୟ କାହା ନୟନ ତାରା ସାଜିବ। ବୁଧବାର ରାତିରେ ତାରା ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ଗୁରୁବାର ତାଙ୍କୁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ତେବେ ପରିବାର ଲୋକେ ତାରାଙ୍କ ଦୁଇ ଆଖିକୁ ଦାନ କରିବା ପାଇଁ ନିଷ୍ପତ୍ତି ନେବାରୁ ଡାକ୍ତରଖାନା ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଚିତ୍ରଡ଼ା,୨୭।୨(ଡି.ଏନ୍.ଏ.)

ନେହେରୁ ଯୁବକେନ୍ଦ୍ର ମୟୂରଭଞ୍ଜ ଏବଂ ଜାତୀୟ ସେବା ଯୋଜନା ଚିତ୍ରଡ଼ା ମହାବିଦ୍ୟାଳୟ ଆନୁକୂଲ୍ୟରେ ମୋରଡ଼ା ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଭାସ ଚନ୍ଦ୍ର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନ୍‌ନୀୟ ଅତିଥି ଭାବେ ରଣଜିତ କୁମାର ସାହୁ, ପ୍ରାଧ୍ୟାପକ ଦିଲୀପ କୁମାର ସାହୁ, ଡ. ଅନନ୍ତ ପ୍ରସାଦ ସାହୁ, ଉଷା ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବପିଢ଼ି ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ମହିଳା ସୁରକ୍ଷା ସମ୍ବନ୍ଧରେ ତର୍କବିତର୍କ ହୋଇଥିଲା। ଛାତ୍ରୀ ନିବେଦିତା ବେହେରା(+୩, ୩ୟ ବର୍ଷ), ନିବେଦିତା ବେହେରା(ନୂତନ) ଏବଂ ସସ୍ମିତା ବେହେରା ତର୍କବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିଲେ। ନେହେରୁ ଯୁବକେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜକ କ୍ଷୀତିଶ ମହାନ୍ତ, ସୁଜାତା ବାରିକଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ବୁଦ୍ଧିରାମ ସିଂ, ଅଧ୍ୟାପିକା ସୌଦାମିନୀ ସିଂ ଏବଂ କ୍ରିଷ୍ଣାରାଣୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଷ୍ଠ ନିରାକରଣ ସଚେତନତା ଶିବିର

କୁଆମରା,୨୭।୨(ଡି.ଏନ୍.ଏ.)

ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋପବନ୍ଧୁ ନଗର ବ୍ଲକ ପ୍ରେସ୍ କ୍ଲବର ମିଳିତ ଆନୁକୂଲ୍ୟରେ ଗୁରୁବାର ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ କୁଷ୍ଠ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ରବୀନ୍ଦ୍ର ମଲ୍ଲିକ, ସ୍ୱତନ୍ତ୍ର ଅତିଥି ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟବକ୍ତା ଖୁଣ୍ଟା ମେଡିକାଲ ଅଫିସର ଡା. ପରମଜିତ୍ ମହାନ୍ତ, ସମ୍ମାନ୍‌ନୀୟ ଅତିଥି ବିପିଏମ୍ ଅନୁଭବ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବେହେରା ଓ ବ୍ଲକ କୁଷ୍ଠ ସୁପରଭାଇଜର କୃପାସିନ୍ଧୁ ସେଠୀ ଯୋଗଦେଇ କୁଷ୍ଠ ରୋଗର ଲକ୍ଷଣ, ଚିହ୍ନଟ ଓ ତା'ର ନିରାକରଣ ଉପରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ସଚେତନ ହେବା ଓ ସଚେତନ କରାଇବା ଉପରେ ଶପଥ ପାଠ କରିଥିଲେ। ସହକାରୀ ଶିକ୍ଷକ ଶଶିଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ରାଲି ବଜାର ପରିକ୍ରମା କରିଥିଲା। ଖୁଣ୍ଟା ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ, ଏସ୍‌ଆଇ ସୌମ୍ୟରଞ୍ଜନ ଭୋଳ, ଏବିଇଓ କୁଳମଣି ନାୟକ, ସରପଞ୍ଚ ସୁମିତ୍ରା ନାଏକ ରାଲିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ସଂଘର ସମ୍ପାଦକ ଡ. କୁମାର ବାବୁଲି, ହିରେନ ରାୟ, ରଞ୍ଜନ ମଡୁଆଲ, ଚିତ୍ତରଞ୍ଜନ ଦଳେଇ, ଦୀପକ ଚୌଧୁରୀ, ଶାନ୍ତନୁ ମଡୁଆଲ, ସମ୍ବିତ୍ କୁମାର ରାଉତ, ତପନ ପାତ୍ର, ଯୋଗେଶ୍ୱର ସାହୁ, ସମ୍ପୂର୍ଣ୍ଣ ହେମ୍ବ୍ରମ୍, ମାଣିକ ହେମ୍ବ୍ରମ୍ ଓ ଜୟନ୍ତ କୁମାର ସ ପ୍ରମୁଖ ପରିଚାଳନା କରିଥିଲେ।


କୁଷ୍ଠ ନିରାକରଣ ଲାଗି ଅନୁଷ୍ଠିତ ସଚେତନତା ରାଲି।

# 'ଠିକା ପ୍ରଥା ଉଚ୍ଛେଦକରି ବିଭାଗ ମାଧ୍ୟମରେ ବେତନ ଦିଆଯାଉ'

## ବିଦ୍ୟୁତ୍ କର୍ମଚାରୀଙ୍କ ଜିଲାସ୍ତରୀୟ ସମାବେଶ

ବାରିପଦା ଅଫିସ, ୨୭।୨

ନେସ୍କୋର ପାୱାର ଏମ୍ପ୍ଲୋଇଜ୍ ସଂଘ ବାରିପଦା ମୟୂରଭଞ୍ଜ ପକ୍ଷରୁ ଏକ ସମାବେଶ ରଘୁନାଥପୁର ଗଣେଶ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗ ଦେଇ ଜିଲାର ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟରତ ସ୍ଥାୟୀ କର୍ମଚାରୀ, ଠିକା ଶ୍ରମିକ ଏବଂ ଗ୍ରାହକମାନେ ବର୍ତ୍ତମାନ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଘୋର ଅଭାବ ଉତ୍ତମ ଗ୍ରାହକ ସେବା ଯୋଗାଇବାରେ ମୁଖ୍ୟ ପ୍ରତିବନ୍ଧକ ବୋଲି ସଂଘ ପ୍ରକାଶ କରିବା ସହିତ ମରାମତି ସରଞ୍ଜାମ ଯଥା ଫ୍ୟୁଜ୍ ତାର, କିଟ୍‌କାଟ୍, ଇନସୁଲେଟର, ଗ୍ଲୋବସ୍, ଭିସିବି ଏବଂ କେବୁଲ ପ୍ରଭୃତି ଆବଶ୍ୟକତା ଅନୁସାରେ ନ ମିଳିବାରୁ ବିଦ୍ୟୁତ୍ ସେବା ଯୋଗାଇବାରେ ବାଧା ସୃଷ୍ଟି ହେଉଥିବା ପ୍ରକାଶ କରିଥିଲେ। ଗ୍ରାହକ ଏବଂ କର୍ମଚାରୀଙ୍କର ସମସ୍ୟା ଉପରେ ନେସ୍କୋ ସହିତ ବୁଝାମଣାର ପ୍ରଶ୍ନ ନାହିଁ ବୋଲି ସେ କହିଥିଲେ। ସରକାର ବିଦ୍ୟୁତ୍ କ୍ଷେତ୍ରରେ ବିଭିନ୍ନ ଯୋଜନାଗୁଡ଼ିକ ଲକ୍ଷ୍ୟ କଲେ ମୟୂରଭଞ୍ଜ ଜିଲା ପ୍ରତି ଉଦାସୀନତା ପରିଲକ୍ଷିତ ହୋଇଛି। ଏହା ଏକ ଆଦିବାସୀ ଅଧ୍ୟୁଷିତ ଜିଲା ହୋଇଥିବାରୁ ସରକାର ବିଦ୍ୟୁତ୍ କ୍ଷେତ୍ରରେ ଏହି ଜିଲାକୁ ଏକ ସ୍ୱତନ୍ତ୍ର ମାନ୍ୟତା ଦେବାକୁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଜିଲାର ସଦର ମହକୁମା ଏବଂ ଅନ୍ୟାନ୍ୟ ସହରଗୁଡ଼ିକର ଟ୍ରାନସଫର୍ମର ଗୁଡ଼ିକ ମୁକୁଳା ପଡ଼ିଥିବାରୁ ବିପଦକୁ ଏଠାଇ ଦିଆ ଯାଇ ନ ପାରେ। ନେସ୍କୋ କର୍ତ୍ତୃପକ୍ଷ ତୁରନ୍ତ ଏଗୁଡ଼ିକ ଆବଦ୍ଧ କରିବା ସହିତ ରାସ୍ତା କଡ଼ ଓ ରାସ୍ତା ଉପରେ ଯାଇଥିବା ସମସ୍ତ ବିଦ୍ୟୁତ ତାରଗୁଡ଼ିକୁ ଉଚ୍ଚତା ସମ୍ପନ୍ନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ପ୍ରାର୍ଥସାରଥୀ ଦାସ, ବୁଦ୍ଧେଶ୍ୱର ମାର୍ଣ୍ଡି, ଛବି ମହାନ୍ତି, ଜ୍ଞାନ ରଞ୍ଜନ ପରିଡ଼ା, ଉତ୍ପଳ କୁମାର ଭଞ୍ଜବାବୁ, ବିଜୟ କୁମାର ସାହୁ, ରୁଦ୍ର କୁମାର ଦାସ, ଆର୍ତ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ନେସ୍କୋରେ ଠିକା କର୍ମଚାରୀମାନଙ୍କୁ ଠିକା ସଂସ୍ଥା ଦ୍ୱାରା ବିଭିନ୍ନ ସମୟରେ ବେତନ ନ ଦେବା, ଇପିଏଫ, ଇଏସ୍‌ଆଇ ପୈଠ ନ କରିବା, ସରକାରଙ୍କ ନିୟମ ଉଲ୍ଲଂଘନ କରି ବେତନ ତାରତମ୍ୟ କରିବା ହେତୁ ଉପସ୍ଥିତ ଠିକା ସଭ୍ୟମାନଙ୍କ ମଧ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। କର୍ତ୍ତୃପକ୍ଷ ତୁରନ୍ତ ଠିକାପ୍ରଥା ଉଚ୍ଛେଦ କରି ବର୍ଷ ବର୍ଷ ଧରି ସେବା ଯୋଗାଇ ଦେଉଥିବା କର୍ମଚାରୀମାନଙ୍କୁ ବିଭାଗ ଅଧୀନରେ ଆଣି ବେତନ ଦେବାକୁ ଦାବି କରିଥିଲା। ସେହିଭଳି ନେସ୍କୋକୁ ଦିଆଯାଇଥିବା ୧୦ ଦଫା ଦାବି ଗୁଡ଼ିକ ନେସ୍କୋ କର୍ତ୍ତୃପକ୍ଷ ପୂରଣ ନ କଲେ ସଂଘ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସାଧାରଣ ସମ୍ପାଦକ ପଟ୍ଟନାୟକ ପ୍ରକାଶ କରିଥିଲେ। ସଂଘରେ ନୂତନ ଭାବେ ଯୋଗ ଦେଇଥିବା ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁମନ ସଞ୍ଜିତ ମହାନ୍ତ, ତାପସ କୁମାର ବେହେରା, ପ୍ରମୋଦ କୁମାର ପାତ୍ର, ସଞ୍ଜୟ କୁମାର ଘୋଷ, ନାରାୟଣ ମହାନ୍ତ, ଜ୍ୟୋତିଲାଲ ବିଶ୍ୱାଳ ଓ ଛବି ମହାନ୍ତଙ୍କ ସମେତ ସଂଘର ଶତାଧିକ ସଦସ୍ୟମାନେ ଉପସ୍ଥିତ ଥିଲେ। ସଂଘର ସହସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଡିଭିଜିନାଲ ସମ୍ପାଦକ ଚନ୍ଦନ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



ନେସ୍କୋର ପାୱାର ଏମ୍ପ୍ଲୋଇଜ୍ ସଂଘ ସମାବେଶରେ ଯୋଗଦେଇଥିବା ଅତିଥିମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୮/୨୦୨୦ Balasore, Friday, February 28/2020




# କ୍ଷୀର ବୋଝେଇ ଗାଡ଼ି ଧକ୍କାରେ ୨ ମୃତ

ରାଇରଙ୍ଗପୁର,୨୭।୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ୨୨୦ ନମ୍ବର ଜାତୀୟ ରାଜପଥର କାନ୍ଦୁଆଣୀ ଗ୍ରାମ ନିକଟରେ ଗୁରୁବାର ସକାଳେ ଏକ କ୍ଷୀର ବୋଝେଇ ଭ୍ୟାନ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରାଇରଙ୍ଗପୁର ସହରାଞ୍ଚଳକୁ ଆସୁଥିବା କ୍ଷୀର ବୋଝେଇ ଭ୍ୟାନ୍ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା କରଞ୍ଜିଆ ଥାନା ଅଧୀନ ମେଛୁଆପାଳ ଗ୍ରାମ ହୁଡିସାହି ବସ୍ତିର ମୁକେଶ ମହାକୁଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟ ମଞ୍ଜରୀ ଥାନା ଅନ୍ତର୍ଗତ ଚିକିପିଟି ଗ୍ରାମର ଜନକ ବାନଜରଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ରରୁଆଁ ଥାନା ଅନ୍ତର୍ଗତ ବାରିଆ ଗ୍ରାମର ବିଜୁ ବାଙ୍କିରା ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ଓ ଆହତମାନେ ଜଣେ ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟରଙ୍କ ନିକଟରେ କାମ କରୁଥିବା ଜଣାପଡିଛି। ଖବର ପାଇ ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ମେଡିକାଲକୁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୪/୨୦୨୦) ରୁଜୁକରି ପୋଲିସ ତଦନ୍ତ ଚଳାଇଛି।




# ବେଆଇନ ପାଥୋଲାବ୍‌ରେ ଚଢ଼ାଉ

## ୭ଦିନ ମଧ୍ୟରେ ଭିତ୍ତିଭୂମି ସୁଦୃଢ ନ କଲେ ସିଲ୍ ଚେତାବନୀ

ବାଲେଶ୍ୱର ଅଫିସ,୨୭।୨

ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ପାଥୋଲାବ ଉପରେ ଚଢ଼ାଉକୁ କ୍ରିୟାଶୀଳ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ଶ୍ରୀଗଣେଶ, ପ୍ରଶାନ୍ତି, ସ୍ୱସ୍ତିକ, ଗୌରୀ, ଆଦ୍ୟାଶା, ଜଗନ୍ନାଥ, ରୁଦ୍ରାଣୀ, ବନଦୁର୍ଗା, ଗାୟତ୍ରୀ, ନିୟୁ ଲାଇଫ୍, ବିଜୟା ଆଦି ୧୫ଟି ପାଥୋଲାବରେ ଚଢ଼ାଉ କରାଯାଇ କାଗଜପତ୍ର ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ପାଥୋଲାବର କାଗଜପତ୍ର ଠିକ୍‌ଠାକ୍ ଥିବାବେଳେ ୩ଟିର ମାଲିକମାନେ ଚଢାଉ ଖବରପାଇ ପାଥୋଲାବ୍ ବନ୍ଦ କରି ପଳାଇଥିଲେ। ଜିଲାରେ ଶତାଧିକ ପାଥୋଲାବ୍ ସ୍ୱାସ୍ଥ୍ୟବିଭାଗର ନିର୍ଦ୍ଦେଶନାମାକୁ ଅବମାନନା କରି ରୋଗୀମାନଙ୍କୁ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ହେବା ପରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ପାଥୋଲାବ୍ ଖୋଲିବା ପାଇଁ ଜଣେ ପାଥୋଲୋଜିଷ୍ଟ ପାସ୍ କରିଥିବା ଡାକ୍ତରଙ୍କ ସହିତ ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଲାବୋରେଟୋରୀ ଟେକ୍ନିସିଆନ୍ ପାସ୍ କରିଥିବା ଆବଶ୍ୟକ ରହିଛି। ଟ୍ରେଡ୍ ଲାଇସେନ୍ସ, ଫାୟାର୍ ସେଫ୍‌ଟି, ପଲ୍ୟୁସନ୍ କଣ୍ଟ୍ରୋଲବୋର୍ଡ଼ର ପ୍ରମାଣପତ୍ର, କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟବିଭାଗ ଦ୍ୱାରା ଅନୁମୋଦିତ ରେଟ୍ ଚାର୍ଟ ସହିତ ରୋଗୀମାନଙ୍କ ପାଇଁ ପ୍ରତୀକ୍ଷାଳୟ, ପରୀକ୍ଷାଗାର, ଶୌଚାଳୟର ଉତ୍ତମ ବ୍ୟବସ୍ଥା ସହ ପରୀକ୍ଷଣ ପାଇଁ ଆନୁସଙ୍ଗିକ ଉପକରଣ ରହିବା ଜରୁରୀ। ଏଥିସହିତ ପ୍ରତିଦିନ କେଉଁ ରୋଗୀ କ'ଣ ପରୀକ୍ଷା କରିଛନ୍ତି ତା'ର ସବିଶେଷ ରେଜିଷ୍ଟାର ଖାତାରେ ଲିଖିତ ବିବରଣୀ ରଖିବା ନିର୍ଦ୍ଦେଶ ରହିଛି। ଜିଲାରେ କିମ୍ବା ସହରରେ ଖୋଲିଥିବା ଅଧିକାଂଶ ପାଥୋଲାବ୍‌ରେ ଉପରୋକ୍ତ ନିର୍ଦ୍ଦେଶ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳୁଛି। ଏପରିକି ପରୀକ୍ଷା କରୁଥିବା ପାଥୋଲାବ୍‌ର ଟେକ୍ନିସିଆନ୍ ଜଣକ ସ୍ୱୀକୃତିପ୍ରାପ୍ତ କି ନୁହେଁ ତାହା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜ୍ଞାତରେ ନ ଥିବାର ଜଣାପଡ଼ିଛି। ଚଢ଼ାଉରେ କେବଳ ସୋନୋଲାବରେ ସମସ୍ତ ନିୟମ ପାଳିତ ହୋଇଥିବା ଜଣାପଡ଼ି ଥିବାବେଳେ ଅନ୍ୟ କୌଣସି ଲାବ୍‌ଗୁଡ଼ିକର କାଗଜପତ୍ର ଠିକ୍ ନ ଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଉକ୍ତ ପାଥୋଲାବ କର୍ତ୍ତୃପକ୍ଷଙ୍କୁ ୭ ଦିନ ମଧ୍ୟରେ ଆଇନତଃ ପାଥୋଲାବ ନିମନ୍ତେ ରେଜିଷ୍ଟ୍ରେସନ ସହ ସମସ୍ତ କାଗଜପତ୍ର ସରକାରୀସ୍ତରରେ ହାସଲ କରିବା ନିମନ୍ତେ କୁହାଯାଇଥିଲା। ୭ଦିନ ପରେ ରେଜିଷ୍ଟ୍ରେସନ ସହ ଅନ୍ୟାନ୍ୟ ଭିତ୍ତିଭୂମି ସୁଦୃଢ ନ କଲେ ପାଥୋଲାବକୁ ସିଲ୍ କରାଯିବା ବୋଲି ଚେତାବନୀ ଦିଆଯାଇଥିବା ସ୍ୱତନ୍ତ୍ର ଟିମ୍ ପ୍ରକାଶ କରିଛି। ଚଢ଼ାଉରେ ଡେପୁଟି କଲେକ୍ଟର ଅରୁଣା ତ୍ରିପାଠୀ, କ୍ରାଇମ୍ ଡିଏସ୍‌ପି ଉମେଶ ପଣ୍ଡା, ଏଡ଼ିଏମ୍‌ଓ ମେଡ଼ିକାଲ ଦୁଲାଲସେନ ଜଗଦେବ, ହସ୍‌ପିଟାଲର କିରାଣୀ ଜୀବନ ଦାସ ପ୍ରମୁଖ ସାମିଲ ଥିଲେ।



ଏକ ପାଥୋଲାବ୍‌ରେ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଚଢ଼ାଉ କରାଯାଉଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ